● ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ପରଲୋକ

## ଜଳେଶ୍ୱର ଓ ବାଲିଆପାଳରେ ଶୋକ

**ଜଳେଶ୍ୱର ବ୍ଲକ/ ଜଳେଶ୍ୱର/ରାଇବଣିଆ/ବାଲିଆପାଳ, ୨୦। ୧(ସମିସ)** : ଅବିଭକ୍ତ ଜଳେଶ୍ୱର ଓ ବାଲିଆପାଳର ବିଧାୟକ ଜୟନାରାୟଣ ମହାନ୍ତିଙ୍କ ପରଲୋକ ହୋଇଛି। ଆଜି ସକାଳ ୫ଟା ୩୦ରେ ଏମ୍‌ସରେ ଦେହାନ୍ତ ହୋଇଥିବାବେଳେ କଂଗ୍ରେସର ବହୁ ରାଜ୍ୟସ୍ତରୀୟ ନେତା ତାଙ୍କୁ ଶେଷ ଦର୍ଶନ କରିଥିଲେ। ତାଙ୍କ ମର ଶରୀର ଜଳେଶ୍ୱରରେ ପହଞ୍ଚିବାପରେ ବହୁ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଏକ ବାଇକ୍ ଶୋଭାଯାତ୍ରାରେ 'ଜୟନାରାୟଣ ମହାନ୍ତି ଅମର ରହେ' ଧ୍ୱନୀରେ ଜଳେଶ୍ୱର ଡାକବଂଗଳାଠାରେ ପହଞ୍ଚିଥିଲେ। ସେଠାରେ ଅପେକ୍ଷାରତ ଦଳମତ ନିର୍ବିଶେଷରେ ବହୁ ବ୍ୟକ୍ତି ତାଙ୍କୁ ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଅଭିଜିତ୍ ପ୍ରଧାନ, ରାମଚନ୍ଦ୍ର ଜେନା, ତପନ ଦାସ, ସିଦ୍ଧାର୍ଥ ପାଳ, ମାନସ ଦାସମହାପାତ୍ର, ବିଦ୍ୟାଧର ମଲ୍ଲିକ, ହେମନ୍ତ ଗିରି, ସୁଦାମ ପାତ୍ର, କୁଞ୍ଜବିହାରୀ ଦାସ, ରବୀନ୍ଦ୍ର ପାତ୍ର, ତପନ ବିଶ୍ୱାଳ, ଭୋଗରାଇରୁ ଅଂଶୁମାନ ମହାନ୍ତି ଓ ସଞ୍ଜୀବ ସାହୁ, କୋମଳ ଚକ୍ରବର୍ତ୍ତୀ, ଅଶୋକ ଦାସ, ରାଜୀବ ପରିଡ଼ା, ସରୋଜ ମହାନ୍ତି, ଗିରିଜା ଦାସ, ପୂର୍ବତନ ଅଧ୍ୟକ୍ଷ ଜ୍ୟୋସ୍ନା ଘୋଷ, ସୁମିତ୍ରା ଦାସ ମହାପାତ୍ର, ପୌରପାଳ ପ୍ରତୀପ ପ୍ରଧାନ, ସୁରଜ ଚୌରାସିଆ, ବିଜୟ କାମିଲା, ଆନନ୍ଦ କର, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଫାଲଗୁନୀ ପାଣିଗ୍ରାହୀ, ବାପି ମହାନ୍ତି, ବନମାଳି ଧଳ, ସରୋଜ ସେନାପତି, ଅମୂଲ୍ୟ ଚାନ୍ଦ, ପୂର୍ଣ୍ଣ ମହାନ୍ତି, ଗୋପିନାଥ ଘଡେଇ, ସଂଗ୍ରାମ ପରିଡ଼ା, ବିଶ୍ୱଜିତ୍ ଦାସ, ଆଦିତ୍ୟ ପାତ୍ର, ସୁବ୍ରତ ବେରା, ବିପ୍ଳବ ପ୍ରଧାନ, ମନୋଜ ସାସମଲ, ଲକ୍ଷ୍ମୀକାନ୍ତ କର, ଦିଲ୍ଲିପ ଗିରି, ଦିଲ୍ଲିପ ପରିଡ଼ା, ଜିଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ଲେଲିନ ପ୍ରଧାନ, ମୁକୁନ୍ଦ ଜେନା, ଶ୍ରୀକୃଷ୍ଣ ଗୁପ୍ତା ପ୍ରମୁଖ ଶତାଧିକ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି, ସ୍ୱେଚ୍ଛାସେବୀ, ଶିକ୍ଷାବିତ୍, ସାମ୍ବାଦିକ ମାନେ ଶେଷ ଦର୍ଶନ କରିଥିଲେ। ଜଳେଶ୍ୱରରେ ଗଢିଉଠିଥିବା ଜଗନ୍ନାଥ ମହାବିଦ୍ୟାଳୟ, ଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିଆଇ ଅଫିସ୍, ହନୁମାନ ମନ୍ଦିର ନିର୍ମାଣ ସହିତ ବହୁ ଅନୁଷ୍ଠାନସହିତ ଜଡିତ ଥିବାରୁ ଆଜି ଜଳେଶ୍ୱରରେ ଶୋକର ଛାୟା ଦେଖା ଦେଇଛି।

ସେହିପରି ତାଙ୍କର ମରଶରୀର ବାଲେଶ୍ୱର, ବସ୍ତା, ଜଳେଶ୍ୱର ପରେ ସନ୍ଧ୍ୟାରେ ବାଲିଆପାଳ ପହଞ୍ଚିବା ପରେ ଅସ୍ତି ପଞ୍ଚାୟତ ସୁବର୍ଣ୍ଣରେଖା ପୋଲ ନିକଟରେ ତାଙ୍କର ଶହ ଶହ ସମର୍ଥକ ଏକ ମଟର ସାଇକେଲ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ପ୍ରଥମେ ବାଲିଆପାଳ କ୍ରୀଡା କଲେଜ, ବାଲିଆପାଳ ମହିଳା ମହାବିଦ୍ୟାଳୟ, ବାଲିଆପାଳ ବସଷ୍ଟାଣ୍ଡ, ବ୍ଲକଛକ, ଜଗନ୍ନାଥ ମନ୍ଦିର ଓ ପରେ ହାସିମପୁର ସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ଶହଶହ ସମର୍ଥକ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣକରିଥିଲେ। ବାଲିଆପାଳରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, କଂଗ୍ରେସ ନେତା ବିଜନ କୁମାର ନାୟକ, ମୁରଲୀମୋହନ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରବିନାରାୟଣ ମହାନ୍ତି, ବିଜେପି ନେତା ଅରବିନ୍ଦ ବେହେରା, ଅଜୟ କୁମାର ସାହୁ, ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ପରିଚାଳନା କମିଟି ପକ୍ଷରୁ ବ୍ରଜକିଶୋର ଭୂୟାଁ, ଇଂ ସୁଶାନ୍ତ କୁମାରଚକ୍ରବର୍ତ୍ତୀ, ମଧୁସୂଦନ ସାହୁ ସମେତ ବହୁନେତା ଓ ସାଧାରଣ ଜନତା, ବାଲିଆପାଳ ତହସିଲଦାର ଜନକ କୁମାର ନାୟକ ସମେତ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ବଡପୁଅ ସତ୍ୟକାମ,ମଧ୍ୟମ ପୁତ୍ର ଦିବ୍ୟକାମ, ଝିଅ, ଜ୍ୱାଇଁ, ପରିବାର ତଥା ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ରବିବାର ସ୍ୱର୍ଗତଃ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ବାଲିଆପାଳର ସମସ୍ତ ଦୋକାନ ବଜାର ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି।

ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ

# ପୁରାତନ ଛାତ୍ରଙ୍କ ବୃତ୍ତି ଟଙ୍କା ହଡ଼ପ ଅଭିଯୋଗ

**ବାଲେଶ୍ୱର, ୨୦।୧(ସମିସ):**

ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ରାଣିପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ମାନଙ୍କ ବୃତ୍ତି ଟଙ୍କାକୁ ତତ୍କାଳୀନ ନିର୍ଦ୍ଦେଶକ ହଡପ କରିଥିବା ଅଭିଯୋଗ ଉଠାଇ ଶନିବାର ଦିନ ବାଲେଶ୍ୱର ପୁଲିସ ଆରକ୍ଷୀ ଅଧିକ୍ଷୀକାଙ୍କଠାରେ ସମ୍ପୃକ୍ତ ପୁରାତନ ଛାତ୍ରମାନେ ଲିଖିତ ଅଭିଯୋଗ କରିଛନ୍ତି।

ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ର ସାମରାୟ ମାରାଣ୍ଡି, ଅଞ୍ଜନ ସିଂ, ସନ୍ଦୀପ କୁମାର ନାଇକ, ରାଜେଶ ବେହେରା, ଶେଖର ଚନ୍ଦ୍ର ପ୍ରଧାନ, ସତ୍ୟଜିତ ରାୟ ଓ ରୁଜ ମାରାଣ୍ଡୀଙ୍କ ଅଭିଯୋଗଯେ, ସେମାନେ ପାଠ ପଢୁଥିଲାବେଳେ ତାଙ୍କୁ ବାଣୀଶ୍ରୀ ସ୍କଲାରସିପ ବର୍ଷକୁ ଅଢେଇ ହଜାର ଟଙ୍କା ମିଳୁଥିଲା। ଏହି ଟଙ୍କା ସେମାନଙ୍କ



ବ୍ୟାଙ୍କ ଆକାଉଣ୍ଟକୁ ଆସୁଥିଲା। ମାତ୍ର ସେମାନଙ୍କ ବ୍ୟାଙ୍କ ପାଶବୁକ ବିଦ୍ୟାଳୟର ନିର୍ଦ୍ଦେଶକଙ୍କ ଠାରେ ରହୁଥିଲା। ପିଲାମାନେ ପାସବୁକ ମାଗିଲେବି, ନିର୍ଦ୍ଦେଶକ ସେମାନଙ୍କୁ ଦେଉନଥିଲେ।ଭିନ୍ନଭିନ୍ନ ସମୟରେ କୌଶଳ କରି ପ୍ରାକ୍ତନ ନିର୍ଦ୍ଦେଶକ ଏହି ଛାତ୍ର ମାନଙ୍କ ଦସ୍ତଖତ ନେଉଥିଲେ। ତେବେ ବିଦ୍ୟାଳୟରେ ପାଠପଢ଼ା ସରିବା ପରେ ସମ୍ପୃକ୍ତ ପୂରାତ୍ତନ ଛାତ୍ରମାନେ ନିର୍ଦ୍ଦେଶକଙ୍କ ଠାରୁ ପାସବୁକ ନେଇ ବ୍ୟାଙ୍କକୁ ଯାଇ ଟଙ୍କା କେତେ ଅଛି ଜାଣିବାକୁ ଚାହିଁଥିଲେ।ମାତ୍ର ସେମାନଙ୍କ ଆକାଉଣ୍ଟରେ ବୃତ୍ତି ଟଙ୍କା ଉଠାଇ ନିଆ ଯାଇ ଥିବାର ବ୍ୟାଙ୍କ କର୍ତ୍ତୃପକ୍ଷ କହିଥିଲେ। ପରେ ଏବାବଦରେ ବିଦ୍ୟାଳୟର ନିର୍ଦ୍ଦେଶକଙ୍କୁ ଏହି ପୁରାତ୍ତନ ଛାତ୍ର ମାନେ ପଚାରିବାରୁ, ସେ ନାଲି ଆଖି ଦେଖାଇ ଥିଲେ ବୋଲି ଉପରୋକ୍ତ ପୁରାତନ ଛାତ୍ର ମାନେ ଅଭିଯୋଗ କରିଛନ୍ତି।

## ସୋର ୟୁଏନ୍ କଲେଜରେ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ



**ସୋର, ୨୦।୧(ସମିସ):** ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପରିସରରେ ସରକାରଙ୍କ 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପ୍ରଧାନ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ନୂଆ-ଓର ଜିଲା ସଯୋଜକ ଡ.ସୁବ୍ରତ କୁମାର ରଣା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଭାଷଣ ପ୍ରସଙ୍ଗରେ କହିଲେ ଯେ ପିଲାମାନଙ୍କ ମଧ୍ୟରେ ଲୋକାୟିତ ପ୍ରତିଭାର ବିକାଶ ପାଇଁ ନୂଆ-ଓ କାର୍ଯ୍ୟକ୍ରମ ସକ୍ଷମ ହୋଇପାରିଛି। କଲେଜର ମୁଖ୍ୟ ନୋଡାଲ ଅଧିକାରୀ ସୁଶାନ୍ତ କୁମାର ଦେ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟର ନୋଡାଲ ଅଧିକାରୀ ଡ. ଅମ୍ବରୀଶ ଦିଣ୍ଡା ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲା। ଅଧ୍ୟାପକ ମାନସ ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ମହାଳିକ ମଞ୍ଚ ପରିଚାଳନା କରିଥିବା ବେଳେ ଡ. କୃଷ୍ଣଚନ୍ଦ୍ର ଦାସ, ଅଧ୍ୟାପିକା ରାଜଶ୍ରୀ ବେହେରା ସହାୟତା କରିଥିଲେ। କାର୍ଯ୍ୟକ୍ରମରେ କର୍ମଚାରୀ ନରେନ୍ଦ୍ର ମହାଳିକ, ସୂର୍ଯ୍ୟକାନ୍ତ ମିଶ୍ର, ପ୍ରଭାସ ରଞ୍ଜନ ଜେନା ସହାୟତାର କରିଥିଲେ। ଛାତ୍ରୀ ସୁଶ୍ରୀ ଅଙ୍କିତା ଗିରି ଜଗନ୍ନାଥ ଅଷ୍ଟକମ୍ ପାଠ କରିଥିବା ବେଳେ ନମସ୍ୟା ମହାନ୍ତି ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଭଜନ ସଙ୍ଗୀତ ଏବଂ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ମଦ ବ୍ୟବସାୟ ନାଁରେ ଚାଲାଣ ହେଉଛି ଜହର

**ଖଇରା, ୨୦।୧ (ସମିସ):** ବାଲେଶ୍ୱର ଖଇରା ଥାନା ଅଧୀନରେ ମଦ ବ୍ୟବସାୟ ନାମରେ ଜହର ଯୋଗାଇ ଆତଙ୍କ ସୃଷ୍ଟି କରିଥିବା ବିହାରୀ ମଦ ବିକ୍ରେତା ରମେଶ କୁମାର ଓ ସହଯୋଗୀ ମହାବିର ସାହୁ ଙ୍କୁ ଖଇରା ଆଇଆଇସି ଗୟାଧର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ମନସ୍ମିତା ମହାନ୍ତି ଗିରଫ କରିଛନ୍ତି। ଶୁକ୍ରବାର ରାତିରେ କାବୁ କରିବା ପରେ ଶନିବାର ଦିନ କୋର୍ଟ ଚାଲାଣ କରିଛି। ରମେଶ କୁମାର ଅନ୍ୟ କିଛି ବିହାରୀ ଯୁବକଙ୍କ ସହ ମିଶି ଗତ ୫ବର୍ଷ ହେଲା ନକଲି ମହୁଲି ମଦ ଖଇରା ଥାନା ଅଧୀନରେ ଗାଁ ଗାଁକୁ ଯୋଗାଇ ଆସୁଥିଲା। ୫ବର୍ଷ ମଧ୍ୟରେ ଏହି ମହୁଳି ମଦ ପିଇ ୩୦ରୁ ଅଧୀକ ଯୁବକ ଆଖିବୁଜିବା ସହ ସେମାନଙ୍କ ପରିବାର ଅନାଥ ହୋଇ ପଡ଼ିବା ନେଇ ଅଭିଯୋଗ ହୋଇଥିଲା। ଏଭଳିକି ଅନ୍ତରା, ଡୁଙ୍ଗୁରା, ବାରାପୁର, ଗରସଙ୍ଗ, କୁପାରୀ, ଖଇରା, ବର୍ତ୍ତନା, ଗଣ୍ଡିବେଡ, ଡୁଡିଗଡ଼ିଆ ଭଳି ବଜାର ଗୁଡିକର କିଛି ପାନ ତେଜରାତି ଦୋକାନରେ ବିକ୍ରି ହେଉଥିବା ବେଳେ ଏହି ନକଲି ମଦ ପିଇ ନିଶାସକ୍ତ ହେବା ସହ ଚୋରୀ ଡକାୟତି ଭଳି ଅସାମାଜିକ କାର୍ଯ୍ୟକଳାପ ବଢ଼ି ଚାଲିଥିଲା। ପୁଲିସ ଦୀର୍ଘଦିନ ଧରି ଏହି ବିହାରୀ ବିକ୍ରେତାଙ୍କୁ ଖୋଜି ବୁଲୁଥିବାବେଳେ ଶୁକ୍ରବାର ରାତିରେ ଗଡ଼ପୋଖରୀ ପଞ୍ଚାୟତ କଦଳୀଗଡ଼ିଆ ଗ୍ରାମ ନିକଟରୁ ୨୦୦ଲିଟର ମହୁଲି ମଦ ସହ ଏହି ୨ଜଣଙ୍କୁ ଗିରଫ କରିଥିଲା। ଏହି ମଦ ଚାଲାଣରେ ସଇପୃକ୍ତ ଥିବା ଅନ୍ୟ ବିହାରୀ ବିକ୍ରେତା ମାନଙ୍କୁ ତୁରନ୍ତ ଗିରଫ କରିବାକୁ ସାଧାରଣରେ ଦାବୀ ହୋଇଛି।

## ଶ୍ରୀନିବାସ ଉଚ୍ଚ ବିଦ୍ୟାଳୟର ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



**ସୋର, ୨୦।୧(ସମିସ):** ସୋର ବ୍ଲକ ମଙ୍ଗଳପୁର ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ବିଶ୍ୱ ଓଡ଼ିଆ ସାହିତ୍ୟ ସମ୍ମିଳନୀ ଏବଂ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଉପଲକ୍ଷେ 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପର୍ଯ୍ୟବେକ୍ଷିତ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ ପାଳନ ହୋଇଯାଇଛି। ଏହି ଉତ୍ସବରେ ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଶ୍ରୀଜଗନ୍ନାଥ ଚେତନା ଓ ସଂସ୍କୃତିର ପ୍ରବକ୍ତା ନିକୁଞ୍ଜ ବିହାରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ଅଧିକାରିଣୀ ପୁଷ୍ପଲତା ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ପଙ୍କଜ କୁମାର ଜେନା ଏବଂ ଦିଜେନ୍ଦ୍ର ପ୍ରସାଦ ଦାସ ନିଜ ବକ୍ତବ୍ୟରେ ପିଲାମାନଙ୍କର ସୁଚରିତ ଗଠନ, ଉତ୍ତମ ବ୍ୟବହାର, ନିଷ୍ଠାପରତା ଏବଂ ଧାର୍ମିକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସଂସ୍କୃତି ବିଭାଗର ଅଧିକାରୀ ଡ. ପୁଣ୍ୟବ୍ରତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ପୂର୍ଣଚନ୍ଦ୍ର ବେହେରା ଛାତ୍ରଛାତ୍ରୀମାନଙ୍କର ଉଜ୍ୱଳ ଭବିଷ୍ୟତ ପାଇଁ ଆଲୋକପାତ କରିଥିଲେ ବିଭିନ୍ନ ବିଭାଗରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅଧ୍ୟାପକ ଅଜୟ କୁମାର ବାରିକ, ଡ. ସମ୍ବିତ କୁମାର ପଳିତା, ବିଜୟ କୁମାର ମହାଳିକ, ଡ. ସଂଗ୍ରାମ କୁମାର ରାଉତ, ପ୍ରଶାନ୍ତ ପଣ୍ଡା, ଅନାପୂର୍ଣ୍ଣ ଜେନା, ରଞ୍ଜିତାବାଳା ମହାପାତ୍ର, ସୁଶାନ୍ତ କୁମାର ରାଉଳ, ନିବେଦିତା ମଲିକ, ସନ୍ଧ୍ୟାରାଣୀ ଜେନା, ସତ୍ୟ ନାରାୟଣ ସାହୁ, ସୁଜିତ କୁମାର ଗୋଛାୟତ ଏବଂ କର୍ମଚାରୀ କୈଳାସ ଚନ୍ଦ୍ର ବାରିକ, ଅଣାକାର ନାୟକ, ଅତୁଳ ବିହାରୀ ପା?ୀ, ଭାରତ ଚନ୍ଦ୍ର ମହାନା ଏବଂ ପ୍ରଦ୍ୟୁମ୍ନ ସାହୁଙ୍କ ସମେତ ଛାତ୍ର ଛାତ୍ରୀମାନେ ସହଯୋଗ କରିଥିଲେ।

## ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ବାଲେଶ୍ୱର, ୨୦।୧(ସମିସ):** ରୂପ୍ସା ନୀଳମଣି ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନରେ ଚଳିତ ଶିକ୍ଷାବର୍ଷ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶ ଅନୁସାରେ +୨ ପ୍ରଥମ ବର୍ଷର ଛାତ୍ରୀଙ୍କ ପାଇଁ ଛାତ୍ରୀ ଆତ ସୁରକ୍ଷା ପ୍ରଶିକ୍ଷଣ ଉଦ†ାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ପ୍ରାଧ୍ୟାପିକା ନିଳୀମା ପାତ୍ର ଉପସ୍ଥିତ ଥିଲେ। ମୁଖ୍ୟ କାର୍ଯ୍ୟକ୍ରମ ଅଧିକାରୀ ପିନକ୍ଷୀ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ଡ. ଆରୁଣୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଇତିଶ୍ରୀ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ରୂପସା, ୨୦।୧(ସମିସ)** : ସଦରବ୍ଲକ ଅଧିନ ଶ୍ରୀରାମପୁର ପଞ୍ଚାୟତ ଉଇଟିକିରିସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟରେ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ମନୋରଞ୍ଜନ ବେହେରା ଏଥିରେ ପୌରୋହିତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ଡକ୍ଟର ମମତା ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଓଡ଼ିଆ ଅଧ୍ୟାପକ ଶ୍ୱାଶତ ପାତ୍ର ଅତିଥିଗଣଙ୍କ ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ରାଜନୀତି ବିଭାଗର ବିଭାଗୀୟ ମୁଖ୍ୟ ଶ୍ରୀଯୁକ୍ତ ଦୁର୍ଗା ଚରଣ ମାର୍ଣ୍ଡି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶାସ୍ତ୍ରୀୟ ଓଡ଼ିଆ ଭାଷା ଓ ଶ୍ରୀ ଜଗନ୍ନାଥ ସଂସ୍କୃତିର ବହୁଳ ପ୍ରଚାର ପ୍ରସାର ନିମନ୍ତେ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ମାନସ କୁମାର ଦତ୍ତ, ପୂର୍ଣ୍ଣଚନ୍ଦ୍ର ଭୋଳ ତଥା ଅଣ ଶିକ୍ଷା କର୍ମଚାରୀ କାହ୍ନୁ ଚରଣ ପତି, ସନ୍ତୋଷ ପଣ୍ଡା ଏବଂ ପୂର୍ଣ୍ଣ ଦାସ ଯୋଗ ଦେଇଥିଲେ। ଶେଷରେ ଇତିହାସ ବିଭାଗର ଅଧ୍ୟାପିକା ଭାରତୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

## ଧରମ ଝିଅ ବାପଘରୁ ମଙ୍ଗଳସୂତ୍ର ଲୁଟିନେଇ ହଟହଟା

**ସୋର, ୨୦।୧(ସମିସ):** ଜଣେ ଧରମ ଝିଅ ବାପଘରକୁ କୁଣିଆ ହେଇ ଆସିଥିବା ବେଳେ ଘରେ ପଶି ଧରମ ଭାଉଜଙ୍କ ସୁନା ମଙ୍ଗଳସୂତ୍ର ଲୁଟି ନେଇଯିବା ପରେ ଧରାପଡ଼ି ଥାନାରେ ଅଟକ ରହି ହଟହଟା ହେଉଥିବା ଦେଖାଯାଇଛି। ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ କୁରୁଣିଆ ଗ୍ରାମର ମଙ୍ଗଳ ଚରଣ ନାଥ ସୋର ପୌରପାଳିକା ଅନ୍ତର୍ଗତ କମରପୁର ଗ୍ରାମର ତନୁଶ୍ରୀ ଚକ୍ରବର୍ତ୍ତୀ ନାମକ ଜଣେ ଯୁବତୀଙ୍କୁ ଧରମ ଝିଅ କରିଥିଲେ। ଗତକାଲି ତନୁ ଧରମ ବାପା ମଙ୍ଗଳଙ୍କ ସହିତ କୁରୁଣିଆକୁ ଯାଇଥିଲେ। ସେଠାରେ ଥିବା ମଙ୍ଗଳଙ୍କ ବୋହୂ ଅନ୍ନପୂର୍ଣ୍ଣା ବେହେରାଙ୍କ ଘର ଆଲମିରାରେ ଥିବା ଏକ ମଙ୍ଗଳସୂତ୍ରକୁ ଚୋରି କରି ପଳାଇ ଆସିଥିଲା। ଏହା ଜାଣିପାରି ତନୁକୁ ଅଟକରଖି ଥିବା ପଚରାଉଚରା କରୁଥିବା ବେଳେ ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତନୁ ଏବଂ ଧରମବାପାକୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଅନ୍ନପୂର୍ଣ୍ଣା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ନୟନଯୋରୀକୁ ଓଲଟିଲା ବସ୍

**ସୋର, ୨୦।୧(ସମିସ)** : ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ମାଟିଆପଲ୍ହା ଛକ ନିକଟରେ ଏକ ଘରୋଇ ଯାତ୍ରୀବାହୀ ବସ ଭାରସାମ୍ୟ ହରାଇ ନୟାନଯୋରୀକୁ ଖସିଯାଇଥିବା ବେଳେ ଏହାର ଡ୍ରାଇଭର ସୁରକ୍ଷିତ ଥିବା ଜଣାପଡ଼ିଛି। ଶ୍ରୀ ରାଧାମାଧବ ନାମକ ଏକ ଘରୋଇ ବସ ସୋରରୁ ଗାଡି ମରାମତି କରି ନୟାଗଡ଼ ଅଭିମୁଖେ ଯାଉଥିବା ବେଳେ ସୋର ମାଟିଆପଲ୍ହା ଛକ ନିକଟ ଡ଼ାଇଭର୍ସନକୁ ଭାରସାମ୍ୟ ହରାଇ ନୟନଜୋରୀକୁ ପଶିଯାଇଥିଲା। ବସରେ କୌଣସି ଯାତ୍ରୀ ନଥିବା ବେଳେ ଏହାର ଡ୍ରାଇଭର



ଦୟାନିଧି ବାରିକ ସୁରକ୍ଷିତ ଅଛନ୍ତି। ଏହା ଫଳରେ ଦୀର୍ଘ ସମୟ ଧରି ଜାତୀୟ ରାଜପଥରେ ଗାଡି ଅଟକି ରହି ଟ୍ରାଫିକ ଜାମ ହୋଇଥିଲା। ସୋର ପୋଲିସ ଓ ଜାତୟ ରାଜପଥ ପାଟ୍ରୋଲିଂ ପୁଲିସ ଖବର ପାଇ ଘଟଣାସ୍ଥଳ ରେ ପହଁଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିବା ଦେଖିବାକୁ ମିଳିଛି। ଦୀର୍ଘ ସମୟ ପରେ ରାସ୍ତା ଜାମ ହଟିଥିବା ଜଣାପଡ଼ିଛି।

# ଶ୍ରୀଜଗନ୍ନାଥଙ୍କ ବତିଶ ବେଶ ଉତ୍ସବ ଉଦ୍‌ଯାପିତ

**ଦହମୁଣ୍ଡା, ୨୦।୧ (ସମିସ ) :**

ଦୀର୍ଘ ଏଗାର ଦିନ ଧରି ଚାଲିଥିବା, ମହାପ୍ରଭୁ ଜଗନ୍ନାଥଙ୍କ ବତିଶ ବେଶ ର ଆଜି ହେଉଛି ଉଦଯାପିତ ଦିବସ। ବିଭିନ୍ନ ବେଶ ରେ ମହାପ୍ରଭୁ ଜଗନ୍ନାଥ ଙ୍କ ବିଭିନ୍ନ ଅବତାର, ହଜାର ହଜାର ଭକ୍ତ ଙ୍କ ସାମଗମ ରେ ଦର୍ଶନ ଦେଉଥିଲେ। ଅବକାଶ ବେଶ, ବଡ଼ ସିଂହାର ବେଶ, ସୁନା ବେଶ, ପଦ୍ମ ବେଶ, ଗଜଉଧାରଣ ବେଶ, ଗଜାନନ ବେଶ ଘୋଡାଲାଗି ବେଶ, ନବାଙ୍କ ବେଶ, ବଣଭୋଜି ବେଶ, କାଳିଆଦଳନ ବେଶ, ପ୍ରଳମ୍ବାସୁର ବେଶ, କୃଷ୍ଣ ବଳରାମ ବେଶ, ରାଧାଦାମୋଦାର ବେଶ, ଲକ୍ଷ୍ମୀନାରାୟଣ ବେଶ, ବାଙ୍କ ଚୂଡ଼ ବେଶ, ତ୍ରିବିକ୍ରମ ବେଶ, ଲକ୍ଷ୍ମୀନୃସିଂହ ବେଶ, ନାଗାର୍ଜୁନ ବେଶ, ବାମନ ବେଶ, ଶ୍ରାଦ୍ଧ ବେଶ, ଚଚେରୀ ବେଶ, ରାଗୁନାଥ ବେଶ, ରାଜାରାଜେଶ୍ୱରୀ ବେଶ, ଚନ୍ଦନଲାଗି ବେଶ, ଟାହ୍ୟାଲାଗି ବେଶ, ଭଳି ଆହୁରି ବିଭିନ୍ନ ଅବତାର ରେ ମହାପ୍ରଭୁ ଶ୍ରଦ୍ଧାଳୁ ଙ୍କୁ ପ୍ରତେକ ଦିନ ସନ୍ଧ୍ୟା ରେ ଦର୍ଶନ



ଦିଅନ୍ତି, ଏବଂ ସମଗ୍ର ଭୋଗରାଇ ସହିତ ବିଭିନ୍ନ ସ୍ଥାନରୁ ପ୍ରତେକ ଦିନ ହଜାର ହଜାର ଶ୍ରଦ୍ଧାଳୁ ଙ୍କ ଭିଡ଼ ଲାଗିଥାଏ, ମହାପ୍ରଭୁ ଙ୍କ ବିଭିନ୍ନ ବେଶ ସହିତ ବିରାଟକାୟ ହନୁମାନ ପ୍ରତିମୂର୍ତ୍ତି, ରାଧାକୃଷ୍ଣ ଙ୍କ ପ୍ରତିମୂର୍ତ୍ତି, ସହିତ ବାହାନଗା ରେ ଘଟିଥିବା ହୃଦୟବିଦାରକ ଟ୍ରେନ ଟ୍ରାଜେଡି ର ବିକଳ ଦୃଶ୍ୟ ର ପ୍ରତିଛବି, ଏବଂ ସବୁଠୁ ଭକ୍ତ ଙ୍କୁ ଆକୃଷ୍ଟ କରିଥିଲା, ମହାପ୍ରଭୁ ବିରାଟକାୟ ରଥ ରେ ସୁନାବେଶ ରେ ଶ୍ରଦ୍ଧାଳୁ ଙ୍କୁ ଦର୍ଶନ ଦେଇଥିଲେ, ସେହିପରି ମହାପ୍ରଭୁ ଅଭଡା ସହିତ ଭୋଗ ମଧ୍ୟ କମିଟି ତରଫରୁ ବ୍ୟବସ୍ଥା କରାଯାଇଥିଲା, ତତ୍ ସହିତ ପ୍ରତେକ ଦିନ ସନ୍ଧ୍ୟା ରେ ମଞ୍ଚ ରେ ଭକ୍ତି ମୟ ନୃତ୍ୟ ସଙ୍ଗୀତ ସହିତ, ବିଶିଷ୍ଟ କଥାକାର, ପ୍ରବଚକ, ଜିତୁ ଦାସ, କୁନି ପ୍ରବଚକ କେଶବ ଦାସ ପ୍ରବଚକ ଏବଂ କଥା କାର ମନୋଜ ପ୍ରଧାନ ପ୍ରବଚନ ଦେଇଥିଲେ, ଏବଂ ସେହିପରି ବହୁ କଣ୍ଠ ଶିଳ୍ପୀ ମଧ ମହାପ୍ରଭୁ ଙ୍କ ଉଦେଶ୍ୟ ରେ ସଙ୍ଗୀତ ଗାନ କରିଥିଲେ ଏବଂ ପ୍ରତେକ ଦିନ ସନ୍ଧ୍ୟା ରେ ଶ୍ରଦ୍ଧାଡ୍ୟାନ୍ସ ଗ୍ରୁପ ର କୁନି କୁନି କଳା କାର ମାନେ ମହାପ୍ରଭୁ ଙ୍କ ଉଦେଶ୍ୟ ରେ ନୃତ୍ୟ କରିଥିଲେ, ପ୍ରତେକ ଦିନ ସନ୍ଧ୍ୟା ରେ ବହୁ ବିଶିଷ୍ଟ ଅତିଥି ଙ୍କୁ ନେଇ ମହାପ୍ରଭୁ ଙ୍କ ବିଭିନ୍ନ ଗାଥା କୁ ନେଇ ଆଲୋଚନା ପ୍ରଯ୍ୟଚନା କରାଯାଉଥିଲା, ସେହିପରି ଆଜି ଏହି ଉଦଯାପିତ ରାତ୍ରି ରେ ମହାପ୍ରଭୁ ଙ୍କ ଶେଷ ଦର୍ଶନ କରିବା ପାଇଁ ବାରବାଟିଆ ଗ୍ରାମ ରେ ପ୍ରବଳ ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା। ଉଦଯାପିତ ଦିବସ ଜାତୀୟ ସ୍ତର ରେ ତଥା ମୁମ୍ବାଇ ରେ ପଦର୍ଶିତ ହେଇଥିବା ଦହମୁଣ୍ଡା ଉଚ୍ଚ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ବିଜ୍ଞାନ ନାଟକେ ବଚାଓ ପରିବେଷିତ ହେଇଥିଲା, ଏବଂ ଶେଷ ପର୍ଯ୍ୟାୟ ରେ କଣ୍ଠଶିଳ୍ପୀ ମାନସୀ ପାତ୍ର ମହାପ୍ରଭୁ ଙ୍କ ଭଜନ ରେ ବହୁ ସମୟ ଧରି ଭକ୍ତ ଙ୍କୁ ବାନ୍ଧି ରଖିଥିଲେ। ତତ୍ ସହିତ ସେହିପରି ଉତ୍ସବ କମିଟି ର ସଭାପତି ଦେବବ୍ରତ ଦେ, ବରିଷ୍ଠ ସାମ୍ବାଦିକ ସତ୍ୟଶିବ ଦାସ, ଆଇନି ଜିବି ରାଜକିଶୋର ଜେନା, ସମାଜ ସେବୀ ଯୋଗେନ୍ଦ୍ର ପାଳ, ସୁବ୍ରତ ସାହୁ, ସମେତ ବହୁ ସଭ୍ୟ ମାନେ ଯୋଗ ଦେଇ ଏହି ଉତ୍ସବ କୁ ପରିଚାଳନା କରିଥିଲେ, ଏବଂ ଶେଷରେ ଉତ୍ସବ କମିଟି ର ସଭାପତି ଦେବବ୍ରତ ଦେ ସମସ୍ତ ଶ୍ରଦ୍ଧାଳୁ ଏବଂ କର୍ମକର୍ତା ଙ୍କୁ ଧନ୍ୟବାଦ ଦେଇଥିଲେ।

## ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ



**ଖଇରା, ୨୦।୧ (ସମିସ):** ଖଇରା ବ୍ଲକ ଅଧୀନ ଅନ୍ତରାସ୍ଥିତ ଅଗଣିନରେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସମହାପାତ୍ରଙ୍କ ପୌରୋହିତ୍ୟରେ ଓଡିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ପ୍ରତିଯୋଗିତା କାର୍ଯ୍ୟକ୍ରମ ଗୁରୁବାର ଉଦଘାଟିତ ହୋଇ ଯାଇଛି। ବିଶିଷ୍ଟ ଗବେଷକ ବିରେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇ ପିଲା ମାନଙ୍କୁ ଓଡିଆ ସାହିତ୍ୟର ଗୁରୁତ୍ୱ ଓ ଜଗନ୍ନାଥ ସଂସ୍କୃତିର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ।ନୋଡାଲ ଅଫିସର ବନମାଳୀ ଉପାଧ୍ୟାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ସକାଳ
THE SAKALA

ସିଟି ବାଲେଶ୍ୱର

www.sakalaepaper.com

# ପ୍ରୋଜେକ୍ଟ ସହଯୋଗରେ ସିସିଟିଭି ଉଦ୍‌ଘାଟିତ



**ବାଲେଶ୍ୱର, ୨୦।୧(ସମିସ):** ବାଲେଶ୍ୱର ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା 'ପ୍ରୋଜେକ୍ଟ ସହଯୋଗ' ଅଭିଯାନରେ ଟ୍ରାଫିକ ବ୍ୟବସ୍ଥା ସହ ଅପରାଧ ଓ ଅପରାଧିଙ୍କ ଉପରେ ନିୟନ୍ତ୍ରଣ ପାଇଁ ସହରର ବିଭିନ୍ନ ଛକମାନଙ୍କରେ ଲଗାଯାଉଛି ସିସିଟିଭି କ୍ୟାମେରା। ଏହି କ୍ରମରେ ସହରର ଚିଡିଆପୋଲ ଓ ଫକୀର ମୋହନ ଗୋଲେଇ ଅପର ପାର୍ଶ୍ୱରେ ଲଗାଯାଇଥିବା ସିସିଟିଭି କ୍ୟାମେରା ଉଦଘାଟନ କରାଯାଇଛି। ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଏହି ବ୍ୟବସ୍ଥାର ଉଦଘାଟନ କରିବା ସହିତ 'ପ୍ରୋଜେକ୍ଟ ସହଯୋଗ'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କ୍ରାଉଡ ଫଣ୍ଡିଂ ଜରିଆରେ ବାଲେଶ୍ୱର ସହରର ସାଧାରଣ ଜନତାଙ୍କ ଦ୍ୱାରା ମିଳିତଭାବେ କିଛି କିଛି ଛକମାନଙ୍କରେ ସିସିଟିଭି ଲଗାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସେ କହିଥିଲେ। ସମ୍ପ୍ରତି ବାଲେଶ୍ୱର ସହର ଓ ଆଖପାଖ୧୬ଟି ସ୍ଥାନରେ ସିସିଟିଭି ଲଗା ଯାଇଥିବା ବେଳେ ଅନ୍ୟ୧୪ଟି ସ୍ଥାନକୁ ଚିହ୍ନଟ କରାଯାଇଥିବା ସେ ସୂଚନା ଦେଇଥିଲେ। ସମସ୍ତ କ୍ୟାମେରା ବାଲେଶ୍ୱର ଟ୍ରାଫିକ ଥାନାର କେନ୍ଦ୍ରୀୟ କମାଣ୍ଡ ଓ କଂଟ୍ରୋଲ ସେଂଟର ସହିତ ସଂଯୁକ୍ତ କରାଯିବ। ଏଥିପାଇଁ ବାଲେଶ୍ୱରର ଅଗ୍ରଣୀ ବ୍ରଡବ୍ୟାଣ୍ଡ ସେବା ପ୍ରଦାନ କାରୀ ସଂସ୍ଥା ଓଡି ନେଟ ଇନଫକମର ଫାଇବର ନେଟୱାର୍କ ବ୍ୟବହାର କରାଯାଉଥିବା ସେ କହିଥିଲେ। ଚିଡିଆପୋଲ ଠାରେ ଲଗାଯାଇଥିବା ସିସିଟିଭି କ୍ୟାମେରା ପାଇଁ ବାଲେଶ୍ୱରର ଫେସନ ଜୋନ ଓ ଫକୀର ମୋହନ ଗୋଲେଇ ଅପର ପାର୍ଶ୍ୱ ପାଇଁ ଓଡିୱାନ ଓ ମନ୍ତ୍ରା ବିୟୁଟି ସ୍ୱା ସହଯୋଗ ପ୍ରଦାନ କରିଥିବାରୁ ଏସପି ଶ୍ରୀମତୀ ନାଥ ଅନୁଷ୍ଠାନଗୁଡିକର କର୍ମକର୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡ଼ିସନାଲ ଏସପି ପ୍ରଦୀପ କୁମାର ଦଳେଇ, ଡିଏସପି ଆଲୋକ ରଞ୍ଜନ ରାୟ, ସଦର ଏସଡିପିଓ ଡ ଶଶାଙ୍କ ଶେଖର ବେହୁରା, ବସ୍ତା ଏସଡିପିଓ ମାନସ ଦେଓ, ସହଦେବଖୁଂଟା ଥାନା ଆଇଆଇସି ପ୍ରେମପ୍ରଜ୍ଞା ମହାନ୍ତି ପ୍ରମୁଖଙ୍କ ସହ ମନ୍ତ୍ରା ବିୟୁଟି ସ୍ୱାର ମୁଖ୍ୟ ବନମାଳା ଦାସ ମହାପାତ୍ର, ସୁମିତ୍ରା ମାହାଲ, ଓଡିୱାନର ଦେବସ୍ମାନ ଦାସମହାପାତ୍ର, ଦେବଜ୍ୟୋତି ଦାସମହାପାତ୍ର, ଶର୍ମିଷ୍ଠା ଜେନା, ପ୍ରିୟଙ୍କା ଜେନା, ଫେସନ ଜୋନର ମୁଖ୍ୟ ରାକେଶ ଅଗ୍ରୱାଲ, ରାମ ବିଳାସ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ସୁନୀଲ ମୋଦି, କୋଏଲ ଅଗ୍ରୱାଲ, ନାରାୟଣ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବଶତ୍ରୁତାରୁ ଯୁବକଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା

**ଜଣେ ଗିରଫ, ଗାଡ଼ି ଜବତ**

**ବାଲେଶ୍ୱର, ୨୦।୧(ସମିସ):** ରେମୁଣା ଥାନା ଅର୍ନ୍ତଗତ କଲ୍ୟାଣପୁର ପଞ୍ଚାୟତ ଗାଙ୍ଗପୁରା ଗ୍ରାମରେ ଆଜି ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଯୁବକଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଟ୍ରାକ୍ଟର ଚଢ଼ାଇ ହତ୍ୟା କରାଯାଇଥିବା ନେଇ ରେମୁଣା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୁଲିସ ଏହି ହତ୍ୟା କାଣ୍ଡରେ ସାମିଲ ଥିବା ଜେଣ ଯୁବକ ଗାଙ୍ଗପୁରା ଅଞ୍ଚଳର ଭାଗବତ ପ୍ରଧାନ(୪୫)କୁ ଗିରଫ କରିଛି। ଏହାସହ ପୁଲିସ ଟ୍ରାକ୍ଟରକୁ ମଧ ଜବତ କରିଛି। ଏ ନେଇ ୧୧/୨୪ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଆର୍ତତ୍ରାଣ ସେଠୀ ସୂଚନା ଦେଇଛନ୍ତି। ମୃତକ ଜଣଙ୍କ ହେଉଛନ୍ତି ଯୋଗେଶ୍ୱର ପ୍ରଧାନଙ୍କ ପୁଅ ଭଗବାନ ପ୍ରଧାନ(୩୨)। ମୃତକଙ୍କ ବାପା ଯୋଗେଶ୍ୱରଙ୍କ ଅଭିଯୋଗ ଅନୁସାରେ, ଗତକାଲି ରାତିରେ ତାଙ୍କ ପୁଅ ଭଗବାନ ବାଇକ ଯୋଗେ ଘରକୁ ଫେରୁଥିଲେ। ହେଲେ ଆଜି ସକାଳେ ତାଙ୍କ ମୃତଦେହ ଗାଙ୍ଗପୁରା ରାସ୍ତାରେ ପଡ଼ିଥିବା ନେଇ ଲୋକେ ତାଙ୍କୁ ଖବର ଦେଇଥିଲେ। ଏପରିକି ତାଙ୍କ ମୃତଦେହ ନିକଟରେ ତାଙ୍କ ବାଇକ ସହ ଏକ ଟ୍ରାକ୍ଟର ମଧ ରହିଥିଲା। ଗତକାଲି ରାତିରେ ଭଗବାନ ଘରକୁ ଫେରୁଥିବା ବେଳେ ଟ୍ରାକ୍ଟରଟି ତାଙ୍କ ବାଇକ୍‌କୁ ଧକ୍କା ଦେଇ ତାଙ୍କ ଉପରେ ଗାଡି ଚଢ଼ାଇ ହତ୍ୟା କରିଛନ୍ତି। ବିଶେଷ କରି ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ଥାନା ଅଧିକାରୀ ଶ୍ରୀ ସେଠୀ କହିଛନ୍ତି ଯେ, ମୃତକଙ୍କ ବାପାଙ୍କ ଅଭିଯୋଗ ଅନୁସାରେ ପୁଲିସ ତଦନ୍ତ କରିବା ସହ ଟ୍ରାକ୍ଟର ଡ୍ରାଇଭରକୁ ଗିରଫ କରାଯାଇଛି। ଏହାସହ ଟ୍ରାକ୍ଟରକୁ ମଧ ଜବତ କରାଯାଇଛି ବୋଲି କହିଛନ୍ତି।

# ବିଦ୍ୟାଳୟ ସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

**ବାଲେଶ୍ୱର, ୨୦।୧(ସମିସ):** କାକବୋରାଇ ବିୟୁଏସ ସରକାରୀ ବିଦ୍ୟାପୀଠରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ବିଦ୍ୟାଳୟ ସ୍ତରୀୟ ଭାଷା ସାହିତ୍ୟ ଏବଂ ସୃଜନଶୀଳତା ଉତ୍ସବ ପାଳନ କରାଯାଇଛି। ଉକ୍ତ ଉତ୍ସବରେ ଶିକ୍ଷାବିତ୍ ସୁବଳ କୁମାର ଦାସ ମଙ୍ଗରାଜ, ମୋ ସ୍କୁଲ ଅଭିଯାନର ସଭାପତି ବେଣୁଧର ଦାସ, ବିଦ୍ୟାଳୟର ଏସ୍ ଏମ୍ ସି ଚେୟାରମ୍ୟାନ ବିଦେଶୀ ଦାସ ସମ୍ମାନିତ ଅତିଥି ରୂପେ ଯୋଗେଇ ଦେଇଥିବା ବେଳେ ବଡ଼ପାଳ ପଞ୍ଚାୟତ ସରପଞ୍ଚ କମଳ ଲୋଚନ ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହେମପ୍ରଭା ଅଗସ୍ତି ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ଖେଳ ଶିକ୍ଷକ ମଞ୍ଚ ପରିଚାଳନା କରିଥିଲେ। ଉପସ୍ଥିତ ଅତିଥିମାନେ ଓଡ଼ିଆ ଭାଷା ଏବଂ ସାହିତ୍ୟ ଜଗତରେ ରାଜ୍ୟ ସରକାରଙ୍କର ଏଭଳି ଏକ ନିଆରା କାର୍ଯ୍ୟକ୍ରମ ବିପ୍ଳବ ଆଣିବ ବୋଲି ନିଜ ବକ୍ତବ୍ୟ ରେ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟତ୍ରୀ କବିତା ପାଠ କରିଥିଲେ ଏବଂ ସାହିତ୍ୟ ସୃଜନୀ ସଂଯୋଜକ ରଞ୍ଜନ କୁମାର ସାହୁ ଧନ୍ୟବାଦ୍ ଦେବା ସହ କାର୍ଯକ୍ରମ କୁ ସଫଳ କରାଇବାର ମୁଖ୍ୟ ଭୂମିକା ନେଇଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏଥିରେ ସହଯୋଗ କରିଥିଲେ।

**ଶ୍ରୀରାମଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳନ ପ୍ରସ୍ତୁତି**

# ବାଲେଶ୍ୱରରେ ଏକ ଲକ୍ଷ ଆଠ ଦୀପ ଜାଳିବ ବିଶ୍ୱହିନ୍ଦୁ ପରିଷଦ

**ବାଲେଶ୍ୱର, ୨୦।୧(ସମିସ):** ଶ୍ରୀରାମ ଜନ୍ମଭୂମୀ ଅଯୋଧ୍ୟା ଠାରେ ନିର୍ମାଣାଧୀନ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ବାଲେଶ୍ୱରରେ ଭବ୍ୟ ରୂପେ ପାଳନ ପାଇଁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଏ ନେଇ୨୨ତାରିଖ ସନ୍ଧ୍ୟାରେ ସ୍ଥାନୀୟ ପରମିଟ ପଡ଼ିଆ ଠାରେ ଏକ ଲକ୍ଷ ଆଠ ଦୀପ ପ୍ରଜ୍ୱଳନ ସହି ୧୦ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିବା ପରିଷଦର ବାଲେଶ୍ୱର ଶାଖା କର୍ମକର୍ତାମାନେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପରିଷଦର ଜିଲ୍ଲା ସଭାପତି ଡ ସୁଧାଂଶୁ କୁମାର ପରିଡ଼ା, ସମ୍ପାଦକ ଦେବବ୍ରତ କର ଓ ନଗର ସଭାପତି ରାକେଶ ସିଂହ ପ୍ରମୁଖ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପରିବାରର ବିଭିନ୍ନ ଶାଖାର କାର୍ଯ୍ୟକର୍ତାମାନେ ସାମିଲ ହେବେ। ପରମିଟ ପଡ଼ିଆ ଠାରେ ଅନୁଷ୍ଠିତ ହେଉଥିବା ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ବାଲେଶ୍ୱର ସହରର ଜନସାଧାରଣ ବହୁସଂଖ୍ୟାରେ ସାମିଲ ହେବାକୁ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତାମାନେ ନିବେଦନ କରିଛନ୍ତି। ଏହା ସହିତ ଅଯୋଧ୍ୟାରୁ ସାଧୁସନ୍ଥମାନେ ଆହ୍ୱାନ ଦେଇଥିବା ପରିପ୍ରେକ୍ଷୀରେ ସେହିଦିନ ସମସ୍ତେ ନିଜ ନିଜ ଘର ସମ୍ମୁଖରେ ଘଟ ସ୍ଥାପନ, ଗୈରିକ ଧ୍ୱଜାରୋହଣ ସହିତ ଅନ୍ୟୁନ ୫ଟି ଦୀପ ଜାଳିବା ପାଇଁ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି। ପ୍ରଦୀପ କୁମାର ଦାସ ଓ ସମ୍ବିତ କୁମାର ଦାସଙ୍କ ସମେତ ବଜରଙ୍ଗ ଦଳର ବହୁ କାର୍ଯ୍ୟକର୍ତା ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଲେଲୀନଙ୍କ ମୃତ୍ୟୁ ଶତବାର୍ଷିକୀ ଅବସରରେ ଆଲୋଚନାଚକ୍ର

**ବାଲେଶ୍ୱର, ୨୦।୧(ସମିସ):** ଆଜି ସିପିଆଇଏମ ଜିଲ୍ଲା କାର୍ଯ୍ୟାଳୟ ଭି ଆଇ ଲେନିନଙ୍କ ଶତ ମୃତ୍ୟୁ ବାର୍ଷିକୀ ଉପଲକ୍ଷେ ଏକ ଆଲୋଚନା ଚକ୍ର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ସିପିଆଇଏମର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତଥା ଜିଲ୍ଲା ସମ୍ପାଦକ ଶିଶିର କୁମାର ହୁଇ ଯୋଗଦେଇ ଶ୍ରମିକ ବିପ୍ଳବର ସାର୍ଥକ ରୂପକାର ହେଉଛନ୍ତି ଲେନିନ। ଲେନିନ ରୁଷର ଜନସାଧାରଣଙ୍କୁ ଅତ୍ୟାଚାରି ଶାସକ ଠାରୁ ମୁକ୍ତି କରିଥିଲେ ତାହା ନୁହେଁ ବରଂ ବିଶ୍ୱ ତମାମ ଔନିବେଶିକ ବିରୋଧୀ ସ୍ୱାଧୀନତା ଆନ୍ଦୋଳନକୁ ଆଗେଇ ନେବାରେ ସହାୟକ ହୋଇଥିଲା କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇଏମ ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ସୀତାଂଶୁ ସେନାପତି, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଦୀପ୍ତିମାନ ଆଚାର୍ଯ୍ୟ, ପ୍ରେମ ରଞ୍ଜନ ପାତ୍ର, ଜିଲ୍ଲା କମିଟି ସଭ୍ୟ ଶ୍ୟାମ ସୁନ୍ଦର ଜେନା, ଯୋଗାନନ୍ଦ ଦାଶ, ସତ୍ୟଜିତ ଦାସ, ଗୋବିନ୍ଦ ବାରିକ, ଦିଲୀ ଗିରି, ସ୍ନେହଲତା ପଣ୍ଡା, ରାଜକିଶୋର ଲେଙ୍କା ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ।

# କ୍ଷୀରଚୋରା ଗୋପୀନାଥ ମନ୍ଦିରରେ 'ସ୍ୱଚ୍ଛ ତୀର୍ଥକ୍ଷେତ୍ର' କାର୍ଯ୍ୟକ୍ରମ



**ବାଲେଶ୍ୱର, ୨୦।୧(ସମିସ):** ଅଯୋଧ୍ୟାରେ ଶ୍ରୀରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ପୂର୍ବରୁ ଦେଶର ସମସ୍ତ ତୀର୍ଥକ୍ଷେତ୍ର ଓ ଦେବପୀଠମାନଙ୍କୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସାରା ଦେଶରେ'ସ୍ୱଚ୍ଛ ତୀର୍ଥକ୍ଷେତ୍ର' କାର୍ଯ୍ୟକ୍ରମ ଚାଲୁଅଛି। ଏହିକ୍ରମରେ ଆଜି ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ବାଲେଶ୍ୱରର ଅଗ୍ରଣୀ ସାମାଜିକ ସଂଗଠନ 'ମୁଁ ତୁମ ସାଥି'ର ସଂଯୋଜନାରେ ଜିଲ୍ଲାର ପ୍ରମୁଖ ଦେବପୀଠ କ୍ଷୀରଚୋରା ଗୋପୀନାଥ ମନ୍ଦିରରେ'ସ୍ୱଚ୍ଛ ତୀର୍ଥକ୍ଷେତ୍ର' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବ୍ଲକ ଚେୟାରମେନ ସୁଶାନ୍ତ ପଟନାୟକ, ଗିରିଧାରୀ ଦାସ, ବିଜୟ ସେଠୀ, କ୍ରୀଷ୍ଣା ସାହା, ଉମାକାନ୍ତ ପଣ୍ଡାଙ୍କ ସହିତ ତୁମ ସାଥିର ସମସ୍ତ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରି ମନ୍ଦିରର ଭିତର ଓ ବାହାର ଉଭୟ ପାର୍ଶ୍ୱରେ ସଫେଇ କରିଥିଲେ।

# 'ଶ୍ରୀଜଗନ୍ନାଥ ସଂସ୍କୃତିର ବିଶ୍ୱଦୃଷ୍ଟି ଓ ସମୟୋପଯୋଗିତା' ଆଲୋଚନାଚକ୍ର

ବାଲେଶ୍ୱର, ୨୦।୧(ସମିସ): ସ୍ୱର୍ଣ୍ଣଚୂଡ ମହାବିଦ୍ୟାଳୟସ୍ଥିତ ବିଜ୍ଞାନ ଭବନରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ନୂଆ-ଓ ପ୍ରାୟୋଜିତ 'ଶ୍ରୀଜଗନ୍ନାଥ ସଂସ୍କୃତିର ବିଶ୍ୱଦୃଷ୍ଟି ଓ ସମୟୋପଯୋଗିତା' ଶୀର୍ଷକର ଏକ ଆଲୋଚନାଚକ୍ର ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର୍ ରମେଶଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ଅଧ୍ୟାପକ ଗଣେଶ୍ୱର ମହାନ୍ତି ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରି ସେମାନଙ୍କ ପରିଚୟ ପ୍ରଦାନ କରିଥିଲାବେଳେ ଅଧକ୍ଷ ପ୍ରଫେସର୍ ପଣ୍ଡା ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ସେହିପରି 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ନୋଡାଲ ଅଫିସର୍ ତଥା ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ମଧୁଛନ୍ଦା ନାୟକ ଏହି କାର୍ଯ୍ୟକ୍ରମର ପୃଷ୍ଠଭୂମି ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲା ବେଳେ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି-ଆଲୋଚକ ଓ ବିଷୟ ବିଶେଷଜ୍ଞ ଭାବରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧିସ୍ନାତକ ଓଡ଼ିଆ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅନ୍ୟତମ ବକ୍ତା ତଥା ବିଷୟ ବିଶେଷଜ୍ଞ ଭାବରେ ଅବସରପ୍ରାପ୍ତ ସଂସ୍କୃତ ପ୍ରଫେସର୍ ଡ. ମନୋଜ କୁମାର ରଥ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ସମୟୋପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲାବେଳେ ଓଡ଼ିଆ ବିଭାଗର ଅନ୍ୟତମ ଅଧ୍ୟାପିକା ରଶ୍ମିତା ପଣ୍ଡା ଶ୍ରୀ ଜଗନ୍ନାଥଙ୍କ ବ୍ରହ୍ମତତ୍ତ୍ୱ ଉପରେ ଏକ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅଧ୍ୟାପକ ଗଣେଶ ମହାନ୍ତି ଓ ଅନେକ ଛାତ୍ରଛାତ୍ରୀ ଏଥିରେ ପ୍ରବନ୍ଧ ପାଠ କରିବା ସହ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗଦେଇଥିଲେ। ଅଧ୍ୟାପକ ଗଣେଶ୍ୱର ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ।

# ହଳଦୀପଦା ଗ୍ରାମୀଣ ମହୋତ୍ସବ ଉଦ୍‌ଘାଟିତ



**ହଳଦୀପଦା, ୨୦।୧(ସମିସ):** ଶନିବାର ସନ୍ଧ୍ୟାରେ ହଳଦୀ ପଦା ମହୋତ୍ସବ ଉଦଘାଟିତ ହୋଇଯାଇଛି। ଅଜୟ କୁମାର ଜେନାଙ୍କ ଅଧକ୍ଷତାରେ ଆୟୋଜିତ ମହୋତ୍ସବକୁ ସଦର ବିଧାୟକ ଉଦଘାଟନ କରି ଗ୍ରାମାଞ୍ଚଳରେ ଏଭଳି ଗ୍ରାମୀଣ ମହୋତ୍ସବର ଆୟୋଜନ କରା ଯାଇପାରିଲେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ମନୋରଞ୍ଜନର ମାଧ୍ୟମ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ରାଜ୍ୟ ସରକାର ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେଉଥିବାରୁ ମହୋତ୍ସବ କମିଟି ମଧ୍ୟ ଏହାର ପଞ୍ଜିକରଣ କରି ଜିଲ୍ଲା ସଂସ୍କୃତି ବିଭାଗକୁ ଆର୍ଥିକ ସହାୟତା ଲାଗି ଅନ୍‌ଲାଇନରେ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଶ୍ଚାତ୍ୟ ନୃତ୍ୟ ସଙ୍ଗୀତ ଅପେକ୍ଷା ଓଡଶୀ ନୃତ୍ୟ, ଆଦିବାସୀ ନୃତ୍ୟ ଭାରତୀୟ ନୃତ୍ୟ ସଙ୍ଗୀତ ପରିବେଷଣ କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବରେନ୍ଦ୍ର ସେଠୀ, ଆଜିତ ମହାପାତ୍ର, ଦୀପକ ଜେନା, ପ୍ରତାପ ଚନ୍ଦ୍ର ସାମଲ, ରାଜ କିଶୋର ମହାଳିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜନିଜର ବକ୍ତବ୍ୟ ରଖିଥିଲେ।

**ଏଫ୍. ଏମ୍. କଲେଜରେ 'ନୂଆ-ଓ' ପ୍ରାୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର**

# ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଐତିହ୍ୟ ଅତୁଳନୀୟ

**ବାଲେଶ୍ୱର, ୨୦।୧(ସମିସ):**




ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ନୂଆ-ଓ ପ୍ରାୟୋଜିତ 'ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଶ୍ରୀଜଗନ୍ନାଥ ଚେତନାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର୍ ଦିଲ୍ଲୀପ କୁମାର ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ବିଷୟ ବିଶେଷଜ୍ଞ ତଥା ମୁଖ୍ୟ ଅତିଥିବକ୍ତା ଭାବେ ପଦ୍ମଶ୍ରୀ ପଣ୍ଡିତ (ଡ.) ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦେଇ ଓଡ଼ିଆ ଭାଷାର, ଧ୍ୱନିଗତ ଓ ରୂପଗତ ବୈଶିଷ୍ଟ୍ୟ ଆଲୋଚନା କରିବା ସଙ୍ଗେସଙ୍ଗେ ଏହାର ମହାନ୍ ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ବୈଦିକ ସଂସ୍କୃତ, ଲୌକିକ ସଂସ୍କୃତ, ପାଲି, ପ୍ରାକୃତ ଓ ଅପଭ୍ରଂଶ ପରି ବିବିଧ ଭାଷା ସହ ତୁଳନା କରିଥିବାବେଳେ ସମ୍ମାନିତ ଅତିଥିବକ୍ତା ଭାବେ ଅବସର ପ୍ରାପ୍ତ ଭାରତୀୟ ପ୍ରାଶାସନିକ ସେବା ଅଧିକାରୀ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡ଼ିଆ କବି, ଗାଳ୍ପିକ ଓ ସାହିତ୍ୟିକ ଡ. ଅଲେଖ ଚନ୍ଦ୍ର ପଡ଼ିଆରୀ ଓଡ଼ିଆ ସଂସ୍କୃତି ଓ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବିଶଦ ଆଲୋଚନା କରି ଓଡ଼ିଆ ସଂସ୍କୃତିର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ସେହିପରି ଅନ୍ୟତମ ସମ୍ମାନିତ ଅତିଥି ବକ୍ତା ଭାବରେ ଅବସରପ୍ରାପ୍ତ ସ୍ୱନାମଧନ୍ୟ ଓଡ଼ିଆ ପ୍ରଫେସର୍, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ତଥା ବାଗ୍ମୀ ସମାଲୋଚକ ଡ. ଶିରୀଶଚନ୍ଦ୍ର ଜେନା ଯୋଗଦେଇ ଓଡ଼ିଆ ସାହିତ୍ୟର ଆଦିରୁ ଏଯାବତ୍ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ସଙ୍ଗୀତ ପରିବେଷଣ କଳାପରେ ଅଧକ୍ଷ ପ୍ରଫେସର୍ ଘୋଷ ସ୍ୱାଗତ ସମ୍ଭାଷଣ ରଖିଥିବାବେଳେ ଏହି କାର୍ଯ୍ୟକ୍ରମର ନୋଡାଲ ଅଫିସର ତଥା ଅଧି-ସ୍ନାତକ ଓଡ଼ିଆ ବିଭାଗମୁଖ୍ୟ ଡ. ସନ୍ତୋଷ କୁମାର ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବାସହ ଅତିଥି ପରିଚୟ ପ୍ରଦାନ କରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଶ୍ରୀଜଗନ୍ନାଥ ଚେତନା ସମ୍ପର୍କରେ ଏକ ବଳିଷ୍ଠ ଅବଧାରଣା ସୃଷ୍ଟି କରିଥିଲେ। ସେହିପରି ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର୍ ଡ. ଅଭିଜିତ ଦାସ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିଲାବେଳେ ସ୍ନାତକୋତ୍ତର ଇଂରାଜୀ ବିଭାଗ ମୁଖ୍ୟ ଡ. ବିଜୟ କୁମାର ଦେ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଓ ତୃତୀୟ ବୈଷୟିକ ଅଧିବେଶନ ଯଥାକ୍ରମେ ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ବିଭାଗମୁଖ୍ୟ ପ୍ରଫେସର୍ ଡ. ହରିଶ୍ଚନ୍ଦ୍ର ବାରିକ ଓ ଅବସରପ୍ରାପ୍ତ ଅଧକ୍ଷ ପ୍ର. ନଟବର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ରାଜ୍ୟର ଓ ରାଜ୍ୟ ବାହାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଗବେଷକ ଓ ଅଧ୍ୟାପକମାନେ ନିଜର ପ୍ରବନ୍ଧ ପାଠ କରିଥିଲେ। ଏହି ଆଲୋଚନାଚକ୍ରରେ ବିଶିଷ୍ଟ ସ୍ତମ୍ଭକାର ପ୍ରଫେସର୍ ଡ. ସୁବାସ ଚନ୍ଦ୍ର ପାତ୍ର, କବି ଅଭୟ ଦାସ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ. ମିନତି ସେଠୀ, ବାଲେଶ୍ୱର ମହିଳା ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷା ଡ. ନିବେଦିତା ମହାନ୍ତି, ଡ. ସୁବ୍ରତ କୁମାର ରଣା, ଡ. ଜୟଶ୍ରୀ ମିଶ୍ର, ପ୍ରଫେସର୍ ପ୍ରଶାନ୍ତ କୁମାର ସାହୁ, ଅଧ୍ୟାପିକା ନମିତା ବେହେରା, ଅଧ୍ୟାପିକା ଦେବସ୍ମିତା ସାହୁ, ଅଧ୍ୟପିକା ରଶ୍ମିତା ପଣ୍ଡା, ରଶ୍ମିରେଖା ସାମନ୍ତରାୟ, ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ, ବ୍ରହ୍ମନାଥ ରଥ ପ୍ରମୁଖ ଯୋଗ ଦେଇଥିଲେ।

**• ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ**

# ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅଡିସନ୍

**ବାଲେଶ୍ୱର, ୨୦।୧(ସମିସ):** ଆସନ୍ତା ୨୫ ତାରିଖରୁ ଆରମ୍ଭ ହେଉଥିବା ୨୪ତମ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମୀ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ କଳାକାର ଚୟନ ବା ଅଡିସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସହରର ରିଜର୍ଭ ପୋଲିସ ଲାଇନ ସ୍ଥିତ ସଂସ୍କୃତି ନୃତ୍ୟ ଶିକ୍ଷା କେନ୍ଦ୍ରରେ ଆୟୋଜିତ ଏହି ଅଡିସନରେ ୧୦୦ରୁ ଅଧିକ ବିଭିନ୍ନ ବର୍ଗର ଉଦୀୟମାନ କଳାକାର ଅଂଶଗ୍ରହଣ କରିଥିଲେ। ମହୋତ୍ସବ କମିଟିର ସହ ସମ୍ପାଦକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ବିଭାଗର ମୁଖ୍ୟ ଡ. ଶ୍ରୀମାନ ଶ୍ରୀଚନ୍ଦନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଅଡିସନରେ ସଂସ୍କୃତି ଅନୁଷ୍ଠାନର ମୁଖ୍ୟ ସଙ୍ଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ, ନୃତ୍ୟଗୁରୁ ଜ୍ୟୋତିର୍ମୟୀ ସାମଲ, ଡ ବସନ୍ତ କୁମାର ଭୋଇ ସନ୍ୟାସୀ ମହାରଣା ଓ ଅନୁପମ ମିଶ୍ର ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଯୁବ ସଙ୍ଗଠକ ଲକ୍ଷ୍ମୀକାନ୍ତ ସ୍ୱାଇଁ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ

**ବାଲେଶ୍ୱର, ୨୦।୧(ସମିସ):** ସଦର ବ୍ଲକ ଛାନୁଆରେ ଜାତୀୟ ସ୍ତରୀୟ ଦିନିକିଆ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସରୋଜ କୁମାର ଲେଙ୍କା ଯୋଗଦେଇ ଖେଳ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପୋଲିସ ଏସଆଇ ନିରଞ୍ଜନ ବେହେରା, ବାହାବଳପୁର ସରପଞ୍ଚ ରାମ ନାରାୟଣ ଦ୍ୱିବେଦି ପ୍ରମୁଖ ମଞ୍ଚାସୀନ ଥିଲେ। ୨୦ ବର୍ଷରୁ ଅଧିକ ଏହି ଖେଳ ସ୍ଥାନୀୟ ଅଞ୍ଚଳରେ ଆୟୋଜନ ହୋଇ ଆସୁଥିବାବେଳେ ଚଳିତବର୍ଷ ହରିୟାଣା, ଯବଲପୁର ରେଲୱେ, ରାଉରକେଲା ରାଇଜିଂ, ଭୁବନେଶ୍ୱର ଟିମ ଭାଗନେଇଥିଲେ। ଫାଇନାଲ ମ୍ୟାଚ ହରିୟାଣା ଓ ଭୁବନେଶ୍ୱର ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ହରିୟାଣା ଟିମ ବିଜୟୀ ହୋଇଥିଲେ। ଖେଳ ଦେଖିବାକୁ ଶତାଧିକ ଦର୍ଶକଙ୍କ ଭିଡ ଜମିଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୁବଲାଗଡ଼ି ପଞ୍ଚାୟତ ସରପଞ୍ଚ ପ୍ରବିର ସାହୁ ସଞ୍ଜୟ କୁମାର ପାତ୍ର, ବସନ୍ତ ମଲ୍ଲିକ, ସୁବାଷ ବେହେରା, ସୁକୁମାର ପାତ୍ର, ମୃତ୍ୟୁଞ୍ଜୟ ଦାସ, ବିକାଶ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଅସୁରକ୍ଷିତ ଅଲିଭ ରିଡ୍‌ଲେ

# ଅଣ୍ଡାଦାନ ପାଇଁ ପରୀକ୍ଷଣ ବନ୍ଦ ; ହେଲେ ସକ୍ରିୟ ଟ୍ରଲର



ସମୁଦ୍ର କୂଳରେ ମରି ପଡ଼ିଛନ୍ତି ଅଲିଭ ରିଡ୍‌ଲେ



**ବାଲେଶ୍ୱର, ୨୦।୧(ସମିସ):**

ଅଲିଭ୍ ରିଡଲେଙ୍କ ସୁରକ୍ଷିତ ଅଣ୍ଡାଦାନ ପାଇଁ ଚଳିତବର୍ଷ ପ୍ରଥମଥର ଭଦ୍ରକ ଓ ବାଲେଶ୍ୱର ଉପକୂଳରେ କ୍ଷେପଣାସ୍ତ୍ର ପରୀକ୍ଷଣ ବନ୍ଦ ରଖାଯାଇଛି। ତିନି ମାସ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ମାସ ପାଇଁ ମିଜାଇଲ୍ ପରୀକ୍ଷଣ ବନ୍ଦ ରହିବ ବୋଲି ବନଖଣ୍ଡ ବିଭାଗର ସହକାରୀ ବନ ସଂରକ୍ଷକ ଦିଗନ୍ତ ଶୋଭନ ଚାନ୍ଦ ସୂଚନା ଦେଇଛନ୍ତି। ଏଥିସହିତ ଅଲିଭ ରିଡ଼ଲେଙ୍କ ସୁରକ୍ଷା ପାଇଁ ବନଖଣ୍ଡ ବିଭାଗର ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଇଛି। ହେଲେ ବାସ୍ତବରେ ସଚେତନତା କାର୍ଯ୍ୟକ୍ରମ କାମରେ ଆସୁନି। ଅନ୍ୟପଟେ ମତ୍ସ୍ୟ ବିଭାଗ ଓ ମେରାଇନ୍ ଥାନା ଏକପ୍ରକାର ନିଷ୍କ୍ରିୟ। ଯାହାଫଳରେ ନିଷେଧାଦେଶ ସମୟରେ ବି ବେଆଇନ ଭାବେ ଟ୍ରଲର ଚାଲୁଛି। ଫଳରେ ଅଲିଭ ରିଡ଼ଲେଙ୍କ ମୃତ୍ୟୁ ଘଟୁଛି। ସମୁଦ୍ର କୂଳରେ ପଡ଼ିରହୁଛି ଅଲିଭ୍ ରିଡଲେଙ୍କ ମୃତଦେହ। ଫଳରେ ବନଖଣ୍ଡ ବିଭାଗର ସଚେତନତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସାଧିତ ହେଉନାହିଁ। ଖୋଲାଖୋଲି ନିୟମ ଉଲ୍ଲଙ୍ଘନ ହେଉଥିବା ବେଳେ ଅକାଳରେ ଅତିଥି ଅଲିଭ ରିଡ଼ଲେଙ୍କ ମୃତ୍ୟୁ ଘଟୁଛି। ବର୍ତ୍ତମାନ ସୁଦ୍ଧା ବନଖଣ୍ଡ ବିଭାଗ ପାଖରେ କୌଣସି ରିପୋର୍ଟ ଆସିନଥିବାବେଳେ କିଛି ଦିନ ଭିତରେ ବଳରାମଗଡ଼ି ଓ ପରିଖି ନିକଟରେ ୩/୪ଟି କଇଁଛଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ରେଞ୍ଜର ଚୌମୁଖ, ହସକରା ଓ ପରିଖି ବେଳାଭୂମି ଏବଂ ଜଳେଶ୍ୱର ରେଞ୍ଜର ଏନଏମ ପଡ଼ିଆ, ତାଳସାରି ଓ କୀର୍ତ୍ତନିଆ ବେଳାଭୂମିକୁ ପ୍ରତିବର୍ଷ ଅଣ୍ଡାଦାନ ପାଇଁ ଅଲିଭ ରିଡ୍‌ଲେ କଇଁଛ ଆସିଥାନ୍ତି। ଚଳିତବର୍ଷ ଅର୍ଥାତ୍ ୨୦୨୩-୨୪ରେ ବର୍ତ୍ତମାନ ସୁଦ୍ଧା ୩ଟି ଅଲିଭ ରିଡ଼ଲେ ସମୁଦାୟ ୨୭୪ଟି ଅଣ୍ଡା ଦେଇଛନ୍ତି। ୨୦୨୩ ଅକ୍ଟୋବର ୩୧ ରେ ଗୋଟିଏ ଅଲିଭ୍ ରିଡଲେ ଚୌମୁଖରେ ୧୦୬ଟି ଅଣ୍ଡା ଓ ଡିସେମ୍ବର ୮ରେ ଆଉ ଗୋଟେ ଅଲିଭ୍ ରିଡଲେ ପରିଖିରେ ୯୫ଟି ଅଣ୍ଡା ଦେଇଥିବା ବେଳେ ୨୦୨୪ ଜାନୁଆରୀ ୧୦ ରେ ଅନ୍ୟ ଏକ ଅଲିଭ୍ ରିଡଲେ ପରିଖିରେ ୭୩ଟି ଅଣ୍ଡାଦାନ କରିଥିବା ବନଖଣ୍ଡ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିଭଳି ୨୦୨୧-୨୨ ବର୍ଷରେ ୬ଟି ଅଲିଭ୍ ରିଡଲେ ୬୯୦ଟି ଅଣ୍ଡାଦାନ କରିଥିବା ବେଳେ ୨୦୨୨-୨୩ ବର୍ଷରେ ୧୯ଟି ଅଲିଭ ରିଡ୍‌ଲେ ୧୯୨୯ଟି ଅଣ୍ଡାଦାନ କରିଥିଲେ। ସେଥିମଧ୍ୟରୁ ୧୫୬୪ଟି ଅଣ୍ଡାରୁ କଇଁଛ ଛୁଆ ଜନ୍ମ ହୋଇଥିଲେ। ତେବେ ଅଲିଭ ରିଡ଼ଲେଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ପ୍ରୟାସ ସହ ନିୟମ ଲାଗୁ କରୁଛନ୍ତି। ପହିଲି ଶୀତରୁ ମୁହାଣରୁ ୨୦ କିଲୋମିଟର ସମୁଦ୍ର ଭିତରକୁ ଟ୍ରଲର୍ ଓ ମତ୍ସ୍ୟଜୀବୀ ନଭେମ୍ବର ମାସରୁ ମେ ମାସ ପର୍ଯ୍ୟନ୍ତ ନିଷେଧାଦେଶ ଜାରି କରାଯାଇଛି। ଏଥିସତ୍ତ୍ୱେ ବି ବଳରାମଗଡ଼ି ଓ ପରିଖି ସମୁଦ୍ର କୂଳରେ ବେଆଇନ ଟ୍ରଲର୍ ଚାଲୁଥିବା ଦୃଶ୍ୟ ସାମ୍ନାକୁ ଆସୁଛି। ୨୦୨୧ ନଭେମ୍ବର ମାସରୁ ୨୦୨୨ ମାର୍ଚ୍ଚ ମଧ୍ୟରେ ୪୦ ଟି କଇଁଛ ମରିଥିବା ବନଖଣ୍ଡ ବିଭାଗ ପକ୍ଷରୁ ସୂଚନା ମିଳିଥିଲା। ପରେ ମୃତ୍ୟୁର କାରଣ ପାଇଁ ଶବ ବ୍ୟବଚ୍ଛେଦ ମଧ୍ୟ କରାଯାଇଥିଲା। ହେଲେ ଏହାର କିଛି କାରଣ ଏପର୍ଯ୍ୟନ୍ତ ମିଳିପାରିନାହିଁ। ତେବେ ଏହା ପରେ ଅଲିଭ୍ ରିଡଲେଙ୍କ ମୃତ୍ୟୁସଂଖ୍ୟା ନେଇ ବିଭାଗ ପାଖରେ ରିପୋର୍ଟ ହୋଇନାହିଁ।

ଏବେବି ଜଳେଶ୍ୱର ଏବଂ ଚାନ୍ଦିପୁର ରେଞ୍ଜ୍ ରେ ବନ ବିଭାଗ କର୍ମଚାରୀଙ୍କ ପାଖରେ ପାଟ୍ରୋଲିଂ ପାଇଁ ଟ୍ରଲର, ବୋଟ୍‌ର ବ୍ୟବସ୍ଥା ନାହିଁ। ଫଳରେ ଏମିତି ଅନେକ ଜାଗା ଅଛି ଯେଉଁଠି ଅଲିଭ୍ ରିଡଲେ ଅଣ୍ଡାଦେବା ସ୍ଥାନ ଚିହ୍ନଟ ହୋଇପାରିନି। ଗତ କିଛି ବର୍ଷର ଯଦି ତଥ୍ୟ ନିଆଯିବ ତେବେ ଛାନୁଆ, ପରିଖି, ଡଗରା, ହସକରା, ତାଳସାରିରେ ପ୍ରଚୁର ସଂଖ୍ୟାରେ ଅଲିଭ ରିଡ଼ଲେ ଆସୁଛନ୍ତି। ଏଠାକାର ସ୍ଥିତି ସେମାନଙ୍କୁ ସୁହାଉଥିବା କାରଣରୁ ଏଠାକୁ ଆସୁଛନ୍ତି। ବନଖଣ୍ଡ ବିଭାଗ ପକ୍ଷରୁ ଅଧିକ ସଚେତନତା ପରେ କିଛି ସ୍ଥିତି ବଦଳିଛି। କିନ୍ତୁ କିଛି କିଛି ଗ୍ରାମରେ ଲୋକମାନେ(କାଠୁଆ) ଅଲିଭ ରିଡ଼ଲେ ଅଣ୍ଡାକୁ ଚୋରେଇ ନେବା ସହ ମାଂସ ଖାଉଥିବା ଜଣାପଡ଼ିଛି। ଏହାର ସମାଧାନ ତଥା ସଚେତନତା ପାଇଁ ଛାତ୍ରଛାତ୍ରୀ ଓ ଏନଜିଓଙ୍କୁ ସାମିଲ କରିବା ସହ ସରକାରୀ ପାଣ୍ଠି ମାଧ୍ୟମରେ କାନ୍ଥ ଚିତ୍ର ମାଧ୍ୟମରେ ଅଲିଭ ରିଡ଼ଲେ ସଚେତନତା ଚିତ୍ର କରାଯିବା ଦରକାର। ଏହାବ୍ୟତୀତ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଓ ଜରିମାନା ନେବା ଆବଶ୍ୟକ। ଫଳରେ ଅଲିଭ ରିଡ଼ଲେ ମୃତ୍ୟୁ ହ୍ରାସ ପାଇବ ବୋଲି ବିକାଶ ସାଥୀ ସମ୍ପାଦକ ଡ. ବିଶ୍ୱଜିତ ପଣ୍ଡା ମତବ୍ୟକ୍ତ କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ମାଙ୍କଡ଼ ଗୁରୁତର



**ଜଳେଶ୍ୱର ବ୍ଲକ, ୨୦।୧ (ସମିସ) :** ବିଦ୍ୟୁତ୍ ଆଘାତରେ ଗୁରୁତର ଆହାତ ହୋଇଥିବା ଏକ ମାଙ୍କଡକୁ ଚିକିତ୍ସା କରି ଜଣେ ପଶୁପ୍ରେମୀ ନିଜ ଆନ୍ତରିକତାର ପରିଚୟ ଦେଇଛନ୍ତି। ଗତକାଲି ଜଳେଶ୍ୱର ତହସିଲ ଅଞ୍ଚଳରେ ଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ମାଙ୍କଡ଼ ଗୁରୁତର ଆହାତ ହୋଇଥିବା ଖବର ପ୍ରସାରିତ ହେବା ପରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଞ୍ଚାୟତସ୍ଥିତ କାଶିମପୁର ଗ୍ରାମର ପଶୁପ୍ରେମୀ ଅଶୋକ କୁମାର ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ଜଳେଶ୍ୱର ରେଞ୍ଜର ଓ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରି ମାଙ୍କଡ଼ର ଚିକିତ୍ସା ବ୍ୟବସ୍ଥା କରିଥିଲେ।

## 'ନୃତ୍ୟାୟନ'ର ବାର୍ଷିକ ନୃତ୍ୟ ଉତ୍ସବ



**ବାଲେଶ୍ୱର, ୨୦।୧(ସମିସ):** ସ୍ଥାନୀୟ ଗାନ୍ଧିସ୍ମୃତି ଭବନରେ 'ନୃତ୍ୟାୟନ'ର ୨୧ତମ ବାର୍ଷିକ ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ ଓ ସମ୍ମାନିତ ଅତିଥି ଭାବେ ହରପ୍ରସାଦ ପାଲ ମଞ୍ଚାସୀନ ଥିଲେ। ନୃତ୍ୟାୟନର ପ୍ରତିଷ୍ଠାତା ଗୁରୁ ପ୍ରଦୀପ କୁମାର ବେହେରା ଅନୁଷ୍ଠାନର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶୀ ନୃତ୍ୟରେ ସତ୍ୟ ନାରାୟଣ ଦାସ ଓ ତବଲାରେ କମଳାକାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋନାଲୀ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଅଜିତାନନ୍ଦ ଦେବଗୋସ୍ୱାମୀ ପ୍ରାରମ୍ଭରେ ଅତିଥି ପରିଚୟ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା



**ଜଳେଶ୍ୱର ବ୍ଲକ, ୨୦।୧ (ସମିସ) :** ଜଳେଶ୍ୱର ଦେଉଳି ପଞ୍ଚୁଘଣ୍ଟାରେ ଅବସ୍ଥିତ ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ପରିପ୍ରେକ୍ଷୀରେ ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତା, ଓଡ଼ିଶା କବିତା ବୃତ୍ତି ଓ କୁଇଜ୍ ପ୍ରତିଯୋଗିତା ପ୍ରଭୃତି ସଞ୍ଚାଳିତ ହୋଇଥିଲା। କୁଇଜରେ ବର୍ଷାରାଣୀ ବେହେରା ଚାମ୍ପିଅନ ହୋଇ ଥିବା ବେଳେ ଉର୍ମିଳା ବେହେରା ଦଳ ରନର୍ସଅପ ହୋଇଥିଲେ। ଓଡ଼ିଆ କବିତା ବୃତ୍ତିରେ ଉର୍ମିଳା ବେହେରା ପ୍ରଥମ, ଗାୟତ୍ରୀ ପ୍ରଧାନ ଦ୍ୱିତୀୟ ଓ ପୂଜା ରାୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତାରେ ରୁକସାର ଖାତୁନ ପ୍ରଥମ, ମୀନାକ୍ଷି ଗିରି ଦ୍?ିତୀୟ ଓ ଅଙ୍କିତା ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ନୋଡାଲ ଅଫିସର ଡକ୍ଟର ନିଳକଣ୍ଠ ଖଣ୍ଡା କୁଇଜ୍ ମାଷ୍ଟର ଭାବେ କୁଇଜ୍ ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ଅଞ୍ଜଳି ଚକ୍ରବର୍ତ୍ତୀ ସ୍କୋରର ଭାବେ ସହଯୋଗୀ ଭୂମିକା ନିର୍ବାହ କରିଥିଲେ। ଚନ୍ଦ୍ରଲେଖା ମହାକୁଲ, ସୌମ୍ୟ କୁମାର ପ୍ରଧାନ ଓ ଡକ୍ଟର ନୀଳକଣ୍ଠ ଖଣ୍ଡା କବିତା ବୃତ୍ତି ପ୍ରତିଯୋଗିତାର ବିଚାରକ ଭୂମିକା ନିର୍ବାହ କରିଥିଲେ। ଦିନ ତମାମ ପ୍ରତିଯୋଗିତା ଗୁଡ଼ିକରେ ବିଦ୍ୟାଳୟ ଅଧକ୍ଷା ମାମି ରାଣୀ ମହାନ୍ତି ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

## ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଆବିର୍ଭାବ ଉତ୍ସବ ଓ ଶ୍ରୀମନ୍ଦିର ଭୂମିପୂଜା



**ଭୋଗରାଇ, ୨୦।୧ (ସମିସ) :** ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଶ୍ରୀବସ୍ତପୁର ସତସଙ୍ଗ ବିହାର ଠାରେ ଯୁଗପୁରୁଷୋତ୍ତମ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ ତମ ପୁଣ୍ୟ ଆବିର୍ଭାବ ଉତ୍ସବ ଏବଂ ସତସଙ୍ଗ ଶ୍ରୀମନ୍ଦିର ଭୂମିପୂଜନ ଅବସରରେ ଶନିବାର ଦିବସ ବ୍ୟାପୀ ଆୟୋଜିତ 'ଆଶିଷ-ବହନୀ' ମହା ମହୋତ୍ସବ ସମାରୋହରେ ଅନୁଷ୍ଠିତ ହୋଇଛି। ଏଥିରେ ଏସଆରପି ରିତ୍ୱିକ ଈଶ୍ୱର ଚନ୍ଦ୍ର ଗିରି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରିତ୍ୱିକ ଇଞ୍ଜିନିୟର ଆଶିଷ କୁମାର ସୁବୁଦ୍ଧି, ମୁଖ୍ୟବକ୍ତା ଭାବେ ରିତ୍ୱିକ ପ୍ରଫେସର କେଦାର ନାଥ ମହାନ୍ତି, ସମ୍ମାନିତ ବକ୍ତା ଭାବେ ରିତ୍ୱିକ ଅମରେନ୍ଦ୍ର ଲାଲ ଦତ୍ତ, ରିତ୍ୱିକ ରୋହିଣୀ ନନ୍ଦନ ପଟ୍ଟନାୟକ, ରିତ୍ୱିକ ସଞ୍ଜୟ କୁମାର ପାତ୍ର, ରତ୍ୱିକ ଚକ୍ରଧର ଜେନା, ଏସଆରପି ରିତ୍ୱିକ ଆଶିଷ କୁମାର ମିଶ୍ର, ରିତ୍ୱିକ ପାର୍ଥସାରଥୀ ଘୋଷାଲ, ରିତ୍ୱିକ ନନ୍ଦନ କୁଞ୍ଜ ମିଶ୍ର, ରିତ୍ୱିକ ଯତୀନ୍ଦ୍ର ନାଥ ସାହୁ, ରତ୍ୱିକ ବିମଳ କୁମାର ପରିଡ଼ା, ରିତ୍ୱିକ ବଙ୍କିମ ସାହୁ ପ୍ରମୁଖ ଯୋଗ ଦେଇ ଯୁଗ ପରିବର୍ତ୍ତନ ଓ ସମାଜକୁ ଶୃଙ୍ଖଳିତ କରିବା କ୍ଷେତ୍ରରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ମହତ ବାଣୀ ଓ ସତସଙ୍ଗ ବିଶେଷ ଗୁରୁତ୍ୱ ବହନ କରେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ପତ୍ରିକା 'ତପୋବିଭା' ଉନ୍ମୋଚିତ ହେବା ସହିତ ସତସଙ୍ଗ ବିହାର ପରିସରରେ ସତସଙ୍ଗ ଶ୍ରୀମନ୍ଦିରର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏସଆରପି ପ୍ରଫେସର ଡ଼ଃ ବିଜୟ କେତନ ପଟ୍ଟନାୟକ ମଞ୍ଚ ଆହ୍ୱାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ସତସଙ୍ଗ ବିହାର ପରିସରରେ 'ସତସଙ୍ଗ ଶ୍ରୀମନ୍ଦିର' ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସୁସଜ୍ଜିତ ପ୍ରତିକୃତି ସହିତ ବିଭିନ୍ନ ପାରମ୍ପାରିକ ବାଦ୍ୟ, ଝାଞ୍ଜ, ମୃଦଙ୍ଗ ଓ ଶଙ୍ଖ ହୁଳହୁଳିର ତାଳେ ତାଳେ ଏକ ବିଶାଳ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ହଜାର ହଜାର ମହିଳା ଓ ପୁରୁଷ ଅନୁଗାମୀ ଭକ୍ତ ଶ୍ରଦ୍ଧାଳୁ ମାନେ ମହାସଂକୀର୍ତ୍ତନ ସହିତ ନଗର ପରିକ୍ରମା କରିଥିଲେ। ଏହାସହିତ ଜଳେଶ୍?ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ। ପରେ ସତସଙ୍ଗ ବିହାର ପରିସରସ୍ଥ ସଭା ମଞ୍ଚରେ ସଙ୍ଗୀତାଞ୍ଜଳୀ ଓ ସତସଙ୍ଗ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ଆନନ୍ଦ ବଜାରରେ ବିଶାଳ ଅନ୍ନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ମାତୃ ସମ୍ମିଳନୀ, ସନ୍ଧ୍ୟାରେ ସଙ୍ଗୀତାଞ୍ଜଳୀ, ସାନ୍ଧ୍ୟ ବିନତୀ ପ୍ରାର୍ଥନା, ଭଜନ ସନ୍ଧ୍ୟା ଓ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମଗ୍ର ଉତ୍ତର ବାଲେଶ୍ୱର ସମେତ ପଡୋଶୀ ପଶ୍ଚିମବଙ୍ଗରୁ ଠାକୁର ଶ୍ରୀଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ହଜାର ହଜାର ଅନୁଗାମୀ ଭକ୍ତ ଏଥିରେ ଅଂଶଗ୍ରହଣ କରିଥିଲେ।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

**ଭୋଗରାଇ, ୨୦।୧ (ସମିସ) :** ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ) ରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ କେଦାର ସିଂ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ଜଗଦୀଶ ଚନ୍ଦ୍ର ଗିରି, ମୁଖ୍ୟବକ୍ତା ଭାବେ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ମନୋଜ କୁମାର ହୁଇ, ସମ୍ମାନିତ ଅତିଥି ଭାବେ ଶିକ୍ଷା ବିଭାଗ ପ୍ରାଧ୍ୟାପିକା ତ୍ରିବେଣୀ ଧଡା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଚତୁର୍ଭୁଜ ଘଡାଇ, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ସୁଚିସ୍ମିତା କର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ବ୍ରଜବିହାରୀ ପତି ଛାତ୍ରୀ ଆତ୍ମସୁରକ୍ଷା କୌଶଳ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ମାଷ୍ଟର ଟ୍ରେନର ଦମୟନ୍ତୀ ଦଣ୍ଡପାଟ ଏହି ଶିବିରରେ ଯୋଗଦେଇ ଉପସ୍ଥିତ ୨ ଶହରୁ ଅଧିକ ଛାତ୍ରୀଙ୍କୁ ବିଭିନ୍ନ ଆତ୍ମସୁରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

## ଆଦର୍ଶ ଶିକ୍ଷକଙ୍କ ସ୍ମୃତିସଭା

**ଜଳେଶ୍ୱର ବ୍ଲକ, ୨୦।୧ (ସମିସ) :** ଖୁଦିଆମାଝିସାହି ପଞ୍ଚାୟତର ବେହେରାସାହି ଗ୍ରାମରେ ଦିବଂଗତ ଆଦର୍ଶ ଶିକ୍ଷକ ଗୌରହରି ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠିତ ସଭାରେ ବିଶିଷ୍ଟ କବି ବସନ୍ତ ଦାସ ସଭାପତିତ୍ୱ କରିଥିଲେ। ମଞ୍ଚାସୀନ ଅତିଥି ଭାବେ କବି ରଞ୍ଜନ ଘୋଷ, ଶିକ୍ଷକ ଦୀପକ କୁମାର ସାସମଲ, ପ୍ରଫେସର ଶିତିକଣ୍ଠ ଦାସ, ପଣ୍ଡିତ ହରିହର ଦାସ ଅଧିକାରୀ, ଅବସର ପ୍ରାପ୍ତ ଶିକ୍ଷକ ସୁବଳ ଦାସ, ସମାଜସେବୀ ରହିମ୍ ରଞ୍ଜନ ଦେ, ସାମ୍ବାଦିକ ଦୁର୍ଗା ଶଙ୍କର ଗିରି ପ୍ରମୁଖ ଆଦର୍ଶ ଶିକ୍ଷକଙ୍କ ସ୍ମୃତି ଚାରଣ କରିଥିଲେ। ଦିବଂଗତ ଶିକ୍ଷକଙ୍କ ଧର୍ମପତ୍ନୀ ଯମୁନା ଦାସ, ପୁତ୍ର ହରେକୃଷ୍ଣ, ନବ କୃଷ୍ଣ, ମନୋରଞ୍ଜନ ଓ ନିରଞ୍ଜନ, ଝିଅ ଜ୍ୱାଇଁ, ନାତିନାତୁଣୀ ପୁତ୍ରବଧୂ ଓ ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ। ଏହି ଅବସରରେ ଅଷ୍ଟମ ପ୍ରହରୀ ନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା। ଜ୍ୱାଇଁ ଅଧ୍ୟାପକ ଅମରେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୃଜନଶୀଳତା ପ୍ରତିଭା ଉତ୍ସବ

**ଜଳେଶ୍ୱର ବ୍ଲକ, ୨୦।୧(ସମସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସମ୍ପଡିଆ ଗ୍ରାମ ପଞ୍ଚାୟତର ସମ୍ପଡିଆ ଗ୍ରାମରେ ଅବସ୍ଥିତ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୃଜନ ଶୀଳତା ଉତ୍ସବ ୨୦୨୪ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାପତି ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ପୁରାତନ ଛାତ୍ର ସଂସଦର ସଭାପତି ଡାକ୍ତର କାଳିଚରଣ ଶତପଥୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ନାମ୍ପୋର ସଂଯୋଜକ ଚନ୍ଦ୍ରମୋହନ କୁଇଲା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୀତାଞ୍ଜଳି କମିଲା, ପିଟିଏର ସଦସ୍ୟ ସନାତନ ସାସମଲ, ବୈଶାଖୀ ଆଚାର୍ଯ୍ୟ, ରମାକାନ୍ତ କମିଲା, ଗୌରହରି କମିଲା, ସଦସ୍ୟା ସାରଥୀ ବେହେରା, ବିନୟ କୁମାର ଆଚାର୍ଯ୍ୟ ଓ ଆଲୁମିନିର ସଦସ୍ୟ ସାର୍ଥକ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ଜାନୁଆରୀ ୧୪ ରୁ ୨୦ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା ପ୍ରତ୍ୟେକ ରୂପାନ୍ତରିତ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କୁ ଦୃଷ୍ଟିରେ ରଖି ଓ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କ ସୃଜନଶୀଳ ପ୍ରତିଭା ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ କୁ ପ୍ରୋତ୍ସାହିତ କରିବା ପାଇଁ ବିଦ୍ୟାଳୟରେ ଗଢ଼ା ଯାଇଥିବା କ୍ଲବ୍ ( ସୃଜନୀ, ଜିଜ୍ଞାସା, କୌଶଳୀ ଓ କ୍ରିଡ଼ାଙ୍ଗନ) ହାଉସ ମାଧ୍ୟମରେ ପ୍ରତିଯୋଗିତା କରା ଯାଇଥିଲା।ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ପକ୍ଷରୁ ଭାଷା, ସାହିତ୍ୟ, ବିଜ୍ଞାନ, କ୍ରୀଡା ତଥା ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରଦର୍ଶନୀ ମାଧ୍ୟମରେ ସଚେତନତା ସୃଷ୍ଟି କରା ଯାଇଥିଲା। ଏ ସମ୍ପର୍କରେ ଛାତ୍ରଛାତ୍ରୀ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସବିତା ପାଠୀ ମଞ୍ଚ ଆହ୍ୱାନ କରିବା ସହିତ ଅଶ୍ୱକମ୍ ସ୍ତୋତ୍ର ପାଠ କରିଥିଲେ। ଏହି ଅବସରରେ ସାହିତ୍ୟ ସୃଜନୀ କ୍ଲବର୍ ମୁଖ୍ୟ ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, କୌଶଳି କ୍ଲବର ମୁଖ୍ୟ ସହକାରୀ ଶିକ୍ଷକ ସଂଗ୍ରାମ କୁମାର ଜେନା, କ୍ରୀଡ଼ାଙ୍ଗନ କ୍ଲବର ମୁଖ୍ୟ ସହକାରୀ ଶିକ୍ଷକ ସୁଭରାମ ସିଂ, ଜିଜ୍ଞାସା କ୍ଲବର ମୁଖ୍ୟ ସହକାରୀ ଶିକ୍ଷୟିତ୍ରୀ ଶ୍ରାବଣୀ ପାତ୍ର ପ୍ରମୁଖ କ୍ଲବ ଗୁଡ଼ିକ ପରିଚାଳନା କରିଥିଲେ। ସାହିତ୍ୟ, ବିଜ୍ଞାନ, ଗଣିତ, କ୍ରୀଡା ତଥା ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଦି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ସଭାପତି ଓ ଅତିଥି ମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ବିନୋଦ ନାୟକ ଓ ରଣଜିତ୍ ଦାସ, ବିଦ୍ୟାଳୟ କର୍ମଚାରୀ ରଶ୍ମିରାଣୀ ସାହୁ ଓ ଅମିତ୍ ଜେନା, ପାଚିକା କନକ ଲତା ସାସମଲ ଓ ସହାୟିକା କନକ ଲତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ଏଫ୍‌ଏମ୍ ରେଡିଓ ଷ୍ଟେସନର ଭିତ୍ତିପ୍ରସ୍ତର ସ୍ଥାପନ

**ବାଲେଶ୍ୱର, ୨୦।୧(ସମିସ):** ରେମୁଣା ବ୍ଲକ ଅନ୍ତର୍ଗତ ଭୀମପୁରାଠାରେ ପାଞ୍ଚ କିଲୋୱାଟର ଏକ ନୂତନ ଏଫ୍‌ଏମ ରେଡିଓ ଷ୍ଟେସନର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହା ୪୦କିଲୋମିଟର ପରିଧି ଅଞ୍ଚଳରେ ଥିବା ଶ୍ରୋତାମାନଙ୍କୁ ରେଡିଓ କାର୍ଯ୍ୟକ୍ରମ ଶୁଣାଇବାରେ ସହାୟକ ହୋଇ ପାରିବ। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ କଟକ ଆକାଶବାଣୀ କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଇଞ୍ଜିନିୟରିଂ ଦିନେଶାନ ଏନ୍ ଏନ୍ ପ୍ରମୁଖ ଉପସ୍ଥିତ ଥିଲେ। ଚେନ୍ନାଇଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ଜରିଆରେ ଉଦ୍‌ଘାଟନ କରିଛନ୍ତି।

## ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ଭୋଗରାଇ, ୨୦।୧ (ସମିସ) :**



ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ)ରେ ଆୟୋଜିତ 'ନୂଆ -ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦଘାଟିତ ହୋଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଫେବୃୟାରୀ ମାସରେ ଅନୁଷ୍ଠିତ ହେବାକୁ ଥିବା 'ବିଶ୍ୱ ଓଡିଆ ଭାଷା ସମ୍ମିଳନୀ' ଏବଂ 'ଜଗନ୍ନାଥ ସଂସ୍କୃତି' ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ) ରେ ଶନିବାର ଆୟୋଜିତ 'ନୂଆ -ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା'ର ଉଦଘାଟନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ କେଦାର ସିଂ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଜଗଦୀଶ ଚନ୍ଦ୍ର ଗିରି ଓ ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ତଥା ଆଇକ୍ୟୁଏସସି ସଂଯୋଜକ ଡଃ ଧୀରେନ୍ଦ୍ର କୁମାର ଜେନା ଯୋଗ ଦେଇ ସମୃଦ୍ଧ ଓଡିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ଉତ୍କର୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ଜେନା, ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ମନୋଜ କୁମାର ହୁଇ, ସଂସ୍କୃତ ବିଭାଗ ମୁଖ୍ୟ ଅଧ୍ୟାପକ ବ୍ରଜବିହାରୀ ପତି ପ୍ରମୁଖ ଯୋଗ ଦେଇ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାରର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ଡଃ ବନ୍ଦିତା ରାଣୀ ପ୍ରଧାନ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ, ନୋଡାଲ ଅଫିସର ତଥା ବିଭାଗୀୟ ମୁଖ୍ୟ ଅଧ୍ୟାପକ ଚତୁର୍ଭୁଜ ଘଡାଇ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ ଏବଂ ବିଭାଗୀୟ ଅଧ୍ୟାପିକା ସୁଶ୍ରୀ ଗୀତାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଓଡ଼ିଆ ଭାଷାରେ କବିତା, କ୍ଷୁଦ୍ର ଗଳ୍ପ ଓ ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ ପରୀକ୍ଷା, କବିତା ପାଠ, ବକ୍ତୃତା, ଭଜନ, ଲୋକନୃତ୍ୟ, ନାଟକ, ଓଡ଼ିଆ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ନୟନ କୁମାର ପ୍ରଧାନ, ଡ. ସୁସ୍ମନ୍ତ କୁମାର ଦ୍ୱିବେଦୀ, ପ୍ରଶାନ୍ତ ଦାସ, ପ୍ରଶାନ୍ତ ଜେନା, ଡ. ଅନୁପ ସାମଲ, ସୁବାସ ଚନ୍ଦ୍ର ମହାପାତ୍ର, ସୁରଥ ଚାନ୍ଦ, ପ୍ରଦୀପ କୁମାର ଜେନା, ହରେନ୍ଦ୍ର ନାରାୟଣ ବେହେରା, ଅମିତ କୁମାର ଚାନ୍ଦ, ପୂର୍ଣ୍ଣଚନ୍ଦ୍ର ବେହେରା, ଦେବାଶିଷ ପଣ୍ଡା, ଦୀନକୃଷ୍ଣ ଗିରି ଓ ଚନ୍ଦ୍ରଶେଖର ରଣା, ଅଧ୍ୟାପିକା ସୁଶୀଳା ମିଶ୍ର, ସୁଚିସ୍ମିତା କର ଓ ନିରୁପମା ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ।

